ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୧୪ ଅଗଷ୍ଟ ୨୦୨୩



## ସଂକ୍ଷେପରେ

### ୨୩୦ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ

ଧୂଷୁରୀ, ୧୩।୮ (କପିଳଦେବ ବିଶ୍ୱାଳ)

ଧାମନଗର ବ୍ଲକ ଅଧୀନ ରଇପୁର ପଞ୍ଚାୟତର ସରକାରୀ କଣ୍ଟିକା ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଓ ପୋଷାକ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁରାଣୀ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟସୁନ୍ଦର ପରିଡ଼ା, ମୁଖ୍ୟବକ୍ତା ପ୍ରଦୀପ କୁମାର ଦାଶ ଏବଂ ଅନ୍ୟତମ ଅତିଥି ଭାବେ ସରପଞ୍ଚ ଜଗଦାନନ୍ଦ ସେଠୀ, ନିତ୍ୟାନନ୍ଦ ମଲ୍ଲିକ, ପ୍ରଫୁଲ୍ଲ କୁମାର ବିଶ୍ୱାଳ, ସୁବାସ ଚନ୍ଦ୍ର ବସନ୍ତିଆ, ପରିଚାଳନା କମିଟି ସଭାପତି ଗଜେନ୍ଦ୍ର ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ। ୨୩୦ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା। ସେହିପରି ପାଳସାହି ପଞ୍ଚାୟତ ଅଧୀନ କୁଳସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସାପ୍ତାହିକ କୁଇଜ ଓ ପୋଷାକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ନମିତା ସୁନ୍ଦରୀ ପତିଙ୍କ ଅଧ୍ୟକ୍ଷତାରେ ସାମାଜିକ କର୍ମୀ କପିଳଦେବ ବିଶ୍ୱାଳ, ସିଆର୍‌ସିସି ପ୍ରଦୀପ ଦାଶ ପ୍ରମୁଖ ଯୋଗ ଦେଇଥିଲେ।

### ଜୁଆଙ୍ଗ ବସ୍ତିରେ ହୋମିଓପାଥି ଚିକିତ୍ସା ଶିବିର

କେନ୍ଦୁଝର, ୧୩।୮ (ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ବାରାହାଗଡ଼ ପଞ୍ଚାୟତର ବାରାହାଗଡ଼ ଜୁଆଙ୍ଗ ବସ୍ତିରେ ରବିବାର ମାନବ ସେବା ହିଁ ମାଧବ ସେବା ଦାତବ୍ୟ ଅନୁଷ୍ଠାନ ପକ୍ଷରୁ ହୋମିଓପାଥି ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ହୋମିଓପାଥି ଡାକ୍ତର ଉଜ୍ୱଳ କୁମାର ସାହୁ ହୋମିଓପାଥି ଔଷଧ ବିତରଣ କରିବା ସହ ସ୍ୱାସ୍ଥ୍ୟ ସଚେତନ କରାଇଛନ୍ତି। ପାହାଡ଼ିଆ ଅଞ୍ଚଳରେ ବର୍ଷା ଦିନରେ ଜଳବାହିତ ରୋଗ ଅଧିକ ହେଉଥିବାରୁ ସ୍ୱଚ୍ଛ ପାଣି ପିଇବା ପାଇଁ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡକ୍ଟର ବିଦ୍ୟାଧର ବେହେରା, ଶିଶୁ ସାହିତ୍ୟିକ କରୁଣାକର ବାରିକ, ବରିଷ୍ଠ ସାମ୍ବାଦିକ ନରେଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ସଚେତନ କରାଇଥିଲେ।

# ୫-ଟି ସଚିବଙ୍କୁ ଭେଟିଲା ରାଜ୍ୟ ସଂଘ

## ରାଜସ୍ୱ ନିରୀକ୍ଷକଙ୍କୁ ଆକ୍ରମଣ ଘଟଣା

ବାରିପଦା, ୧୩।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଖୁଣ୍ଟା ତହସିଲ ବଡ଼ପଥରା ରାଜସ୍ୱ ନିରୀକ୍ଷକଙ୍କୁ ପଥର ବ୍ୟବସାୟୀଙ୍କ ଆକ୍ରମଣ ଘଟଣାକୁ ନେଇ ଓଡ଼ିଶା ଷ୍ଟେଟ୍ ରେଭିନ୍ୟୁ ଫିଲ୍ଡ ଅଫିସର ଆସୋସିଏଶନ ୫-ଟି ସଚିବ ଭି.କେ.ପାଣ୍ଡିଆନଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଭିଜିଲାନ୍ସ କିମ୍ବା କ୍ରାଇମବ୍ରାଞ୍ଚ ମାଧ୍ୟମରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ସମସ୍ତ ଅପରାଧୀଙ୍କୁ ଗିରଫ କରିବାକୁ ଦାବି ହୋଇଛି। ଅଗଷ୍ଟ ୧୦ରୁ କଲମ ଛାଡ଼ ଆନ୍ଦୋଳନ ଜାରି ରହିଛି। ପୋଲିସ ପ୍ରଶାସନ ପକ୍ଷରୁ ଆସନ୍ତା ୩୧ ସୁଦ୍ଧା ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିବା ସଂଘ ପକ୍ଷରୁ ସୂଚନା ମିଳିଛି।

ଶିମିଳିପାଳ ପାଦଦେଶ ସୁବର୍ଣ୍ଣମଞ୍ଜରୀରେ ଜାରି ହୋଇଥିବା ୧୪୪ଧାରା ନିୟମକୁ ଉଲ୍ଲଙ୍ଘନ କରି ବେଆଇନ ପଥର ବ୍ଲାଷ୍ଟିଂ ଓ ପରିବହନକୁ ରୋକିବାକୁ ଯାଇ ଆରଆଇ ଦୟାନିଧି ରାଉତ ଆକ୍ରମଣର ଶିକାର ହୋଇଥିଲେ। ଘଟଣାକୁନେଇ ଖୁଣ୍ଟା ଥାନାରେ ଅଭିଯୋଗ ହେବାର ୪୮ଘଣ୍ଟା ପରେ ମଧ୍ୟ ପୋଲିସର ନିରବତାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ପୋଲିସ ଘଟଣାରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ ସୁଦ୍ଧା ମୁଖ୍ୟ ଅଭିଯୁକ୍ତମାନେ ବାହାରେ ବୁଲୁଛନ୍ତି। ଏହାକୁ ନେଇ ୧୦ତାରିଖଠାରୁ କଲମ ଛାଡ଼ ଆନ୍ଦୋଳନ ଜାରି ରହିଛି। ରାଜ୍ୟ ସଂଘର ସମ୍ପାଦକ ୫-ଟି ସଚିବଙ୍କୁ ଦାବି ସମ୍ପର୍କରେ ଅବଗତ କରିଛନ୍ତି। ଘଟଣାକୁ ନେଇ ଜିଲା ଶାଖା ପକ୍ଷରୁ ଦାବି ମୁତାବକ ସୁବର୍ଣ୍ଣମଞ୍ଜରୀ, ସୁନପୋଖରୀ ଏବଂ ବହଳଦା ଖାଦାନରୁ ବେଆଇନ ଉତ୍ତୋଳନ କରିଥିବା କଳାପଥର ଆକଳନ ମାଇନିଂ ଅଫିସର, ପରିବେଶ ବିଭାଗ ତହସିଲଦାର ଓ ରାଜସ୍ୱ ସୁପରଭାଇଜରଙ୍କ ଉପସ୍ଥିତିରେ କରାଯିବା ସହ ଓଡ଼ିଶା ପବ୍ଲିକ ଡିମାଣ୍ଡ ରିକୋଭରୀ ଆକ୍ଟ ବଳରେ ତୁରନ୍ତ ଜରିମାନା ନିର୍ଦ୍ଧାରଣ କରିବା, ସରୋଜ ସାହୁଙ୍କ ନାମରେ ରୁଜୁ କରାଯାଇଥିବା ଓପିଡିଆର ଏବଂ ଟିଏମ୍‌ସି କେସଗୁଡ଼ିକର ଜମା ଆଦାୟ କରାଯିବା ନିମନ୍ତେ ଖୁଣ୍ଟା ତହସିଲଦାରଙ୍କୁ ଅନୁରୋଧ, ଲଘୁ ଖଣିଜ ପଦାର୍ଥର ଏନ୍‌ଫୋର୍ସମେଣ୍ଟ ନିମନ୍ତେ କେବଳ ଆରଆଇମାନଙ୍କୁ ନ ପଠାଇ ତହସିଲଦାରଙ୍କ ନେତୃତ୍ୱରେ କରାଯିବା, ଶିମିଳିପାଳ ଜୈବ ମଣ୍ଡଳ ଅଞ୍ଚଳ ମଧ୍ୟରେ ଆସୁଥିବା ସମସ୍ତ କ୍ରଶର ୟୁନିଟମାନଙ୍କର କାଗଜପତ୍ର ଠିକ୍ ଭାବେ ଯାଞ୍ଚ କରିବା ସହ ତ୍ରୁଟି ପରିଲକ୍ଷିତ ହେଲେ ସିଲ କରିବାକୁ କହିଥିଲେ।

# ଆରମ୍ଭ ହେଲା 'ମୋ ମାଟି, ମୋ ଦେଶ' ଅଭିଯାନ



'ମୋ ମାଟି, ମୋ ଦେଶ' ଅଭିଯାନରେ ସାମିଲ ସଦର ଭାଜପାର କର୍ମକର୍ତ୍ତାମାନେ।

ବାଲେଶ୍ୱର ଅଫିସ, ୧୩।୮ (ମାନସ ବିଶ୍ୱାଳ)

ବାଲେଶ୍ୱର ସହର ବାରବାଟୀ ସରକାରୀ ମହିଳା ଉଚ୍ଚ ବିଦ୍ୟାଳୟରେ ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ସଦର ଭାଜପା ପକ୍ଷରୁ 'ମୋ ମାଟି ମୋ ଦେଶ ଅଭିଯାନ' ରବିବାର ଆରମ୍ଭ କରାଯାଇଛି। ଏହି ଅଭିଯାନ ଅନ୍ତର୍ଗତ 'ବସୁଧା ବନ୍ଦନ' କାର୍ଯ୍ୟକ୍ରମରେ ଅମୃତ ବାଟିକା ନିର୍ମାଣ ପାଇଁ ଚାରାରୋପଣ କରାଯାଇଛି। ଏଥିସହ ମହାନ ବିପ୍ଳବୀ ବାଘାଯତୀନଙ୍କ ପ୍ରତିମୂର୍ତ୍ତିକୁ ସଫେଇ କରାଯିବା ସହ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ରାଜ୍ୟ ଯୁବମୋର୍ଚ୍ଚା ଉପ-ସଭାପତି ମାନସ କୁମାର ଦତ୍ତ ଯୋଗଦେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ଆହ୍ୱାନକ୍ରମେ ସମସ୍ତେ ଦେଶଭକ୍ତିର ଭାବନାରେ ହର ଘର ତ୍ରିରଙ୍ଗା ଅଭିଯାନରେ ସାମିଲ ହୋଇ ଅଗଷ୍ଟ ୧୩ରୁ ୧୫ ଯାଏ ଉତ୍ସାହର ସହ ନିଜ ଘରେ ଜାତୀୟ ପତାକା ଲଗାଇବା ପାଇଁ ନିବେଦନ କରିଛନ୍ତି। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ସୁଜିତ ଦେବ, ଗୌରାଙ୍ଗ ଦାସ, ସୀତାକାନ୍ତ ସ୍ୱାଇଁ, ଉପେନ୍ଦ୍ର ଶତପଥୀ, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ଅଶୋକ ଦାସ, ସରପଞ୍ଚ ରବିନାରାୟଣ ପ୍ରଧାନ, ବିକ୍ରମଜିତ କର ପ୍ରମୁଖ ଉପସ୍ଥିତ ଥିଲେ।

## ସିମୁଳିଆ କଲେଜ ପ୍ରତିଷ୍ଠା ଦିବସରେ ଚାରାରୋପଣ

ସିମୁଳିଆ, ୧୩।୮ (ସନ୍ତୋଷ ନାୟକ)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଧୀନ ସିମୁଳିଆ କଲେଜର ୪୩ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଚାରାରୋପଣ କରିବା ସହିତ ସିମୁଳିଆ କଲେଜକୁ ୫-ଟିରେ ରୂପାନ୍ତରଣ ପାଇଁ ସୂଚନା ଦେଇଥିଲେ। ବିଧାୟକ ଏହି କଲେଜ ପରିସରରେ ୫୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କଲେଜ ରୂପାନ୍ତରଣ ଓ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦୁଇଟି ଗୃହ ନିର୍ମାଣ ପାଇଁ ଉଦ୍‌ଘାଟନ କରିଥିଲେ। କଲେଜ ଅଧ୍ୟକ୍ଷ ଗୋପବନ୍ଧୁ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ କଲେଜ ସଭାପତି ଚନ୍ଦନା ଘଡ଼ାଇ, ବିଡିଓ ପୃଥ୍ୱିରାଜ ପରିଡ଼ା ଓ ପ୍ରଭାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପରେ ଅନ୍ୟାନ୍ୟ ଅଧ୍ୟାପିକାଅଧ୍ୟାପକ ଓ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରତିଷ୍ଠା ଉତ୍ସବ ଅବସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।

# ଜିନ୍ଦଲ କ୍ରୀଡ଼ା ଛାତ୍ରାବାସର କ୍ରୀଡ଼ାବିତ୍‌ଙ୍କ କୃତିତ୍ୱ



ଜାତୀୟ ଉଷୁ ପ୍ରତିଯୋଗିତାରେ ବିଜୟ ହୋଇଥିବା ୫ ଅନ୍ତେବାସୀ।

## ଜାତୀୟ ଉଷୁ ପ୍ରତିଯୋଗିତା

ଯୋଡ଼ା, ୧୩।୮ (ମାନସ ମହାନ୍ତି)

ବିହାର ରାଜ୍ୟ ପାଟଳିପୁତ୍ରଠାରେ ଅନୁଷ୍ଠିତ ହୋଇଯାଇଥିବା ଜାତୀୟ କନିଷ୍ଠ ଉଷୁ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶାରୁ ସମୁଦାୟ ୨୮ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଥିଲେ। ସେଥି ମଧ୍ୟରୁ ବଡ଼ବିଲର ସୋୟାବଲିଠାରେ ଥିବା ଜିନ୍ଦଲ କ୍ରୀଡ଼ା ଛାତ୍ରାବାସର ୫ ଛାତ୍ରୀଛାତ୍ର ବିଭିନ୍ନ ବିଭାଗରେ ପଦକ ହାସଲ କରି ଅଞ୍ଚଳ ପାଇଁ ସୁନାମ ଆଣିଛନ୍ତି। ଯୋଡ଼ା ବଡ଼ବିଲ ଅଞ୍ଚଳର ଉଷୁ ଖେଳାଳିମାନଙ୍କୁ ଦେଓଝରଠାରେ ଥିବା ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାରର ସାମାଜିକ ଶାଖା ଜେଏସପି ଫାଉଣ୍ଡେସନ ଦ୍ୱାରା ପ୍ରଶିକ୍ଷଣ ତଥା ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ଖେଳାଳିମାନେ ରବିବାର ବଡ଼ବିଲ ରେଳ ଷ୍ଟେଶନରେ ପହଞ୍ଚିବା ପରେ ସେମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜାତୀୟ କନିଷ୍ଠ ଉଷୁ ପ୍ରତିଯୋଗିତାରେ ବଡ଼ବିଲର ବାବଲୁ ମୁଣ୍ଡା ୪୮ କେଜିରୁ କମ କନିଷ୍ଠ ବାଳକ ବର୍ଗର ସ୍ୱର୍ଣ୍ଣ, ଶ୍ୱେତାରାଣୀ ମହାନ୍ତ ୪୮ କେଜିରୁ କମ କନିଷ୍ଠ ବାଳିକା ବିଭାଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ୪୮ କେଜିରୁ କମ ବାଳିକା କନିଷ୍ଠ ବର୍ଗରେ ସୁମିତ୍ରା ମୁଣ୍ଡା ରୌପ୍ୟ ଏବଂ ବାଳକ ବର୍ଗରେ ପ୍ରେମ ମୁଣ୍ଡା ରୌପ୍ୟ ପଦକ ହାସଲ କରିଛନ୍ତି। ୫୨ କେଜି କନିଷ୍ଠ ବାଳକ ବିଭାଗରେ ରାଜକୁମାର ମୁଣ୍ଡା ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରକାଶ ଯୋଗ୍ୟ, ଚଳିତ ବର୍ଷ ଜୁଲାଇରେ ଜେଏସ୍‌ପି ଫାଉଣ୍ଡେସନ ଦ୍ୱାରା ଏହି କ୍ରୀଡ଼ା ଛାତ୍ରାବାସ ସ୍ଥାପିତ କରାଯାଇଛି। ଏହା ମଧ୍ୟରେ ସମୁଦାୟ ୬୦ ଛାତ୍ରୀଛାତ୍ର ରହି ଉଷୁ ଖେଳର ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି।

# ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି


ଶହୀଦ ଦିବାକର ନାୟକଙ୍କ ସମାଧିରେ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।

ଚାନ୍ଦବାଲି, ୧୩।୮ (କିଶାନ ପାତ୍ର)

କେନ୍ଦ୍ର ସରକାରଙ୍କ ପକ୍ଷରୁ ଦୁଇବର୍ଷ ଧରି ଚାଲିଥିବା ଆଜାଦୀ କା ଅମୃତ ମହୋତ୍ସବର ଅନ୍ତିମ ପର୍ଯ୍ୟାୟରେ ଶନିବାର ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶହୀଦ ବୀର ଯବାନମାନଙ୍କୁ ମନେ ରଖିବା ପାଇଁ ସେମାନଙ୍କ ଘରୁ ଭାରତୀୟ ସେନା ପକ୍ଷରୁ ମାଟି ସଂଗ୍ରହ ସହ ଦେଶମାତୃକା ଲାଗି ଶପଥ ଗ୍ରହଣ କରାଯାଉଛି। ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ନୂଆଗାଁ ପଞ୍ଚାୟତର ଶହୀଦ ଦିବାକର ନାୟକଙ୍କ ସ୍ମୃତିରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସଭା କରାଯାଇଥିଲା। ସ୍ଥଳ ସେନାରୁ ଆସିଥିବା ଏସ୍‌ଆଇ କେପି ସାହୁଙ୍କ ସହ ତାଙ୍କର ଏକ ଟିମ୍, ସ୍ଥାନୀୟ ସରପଞ୍ଚ, ସ୍ୱେଚ୍ଛାସେବୀ ସଙ୍ଗଠନ, ଛାତ୍ରୀଛାତ୍ର ଏବଂ ଶହୀଦଙ୍କ ପରିବାର ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ପ୍ରଥମ ବାଚସ୍ପତିଙ୍କ ୧୩୭ତମ ଜୟନ୍ତୀ

ଖଇରା, ୧୩।୮ (ଉତ୍କଳବନ୍ଧୁ ପଣ୍ଡା)

ଓଡ଼ିଶା ବିଧାନସଭାର ପ୍ରଥମ ବାଚସ୍ପତି ମୁକୁନ୍ଦ ପ୍ରସାଦ ଦାସଙ୍କ ୧୩୭ତମ ଜୟନ୍ତୀ ଶନିବାର ଖଇରାସ୍ଥିତ ଜନଜାଗରଣ ମଞ୍ଚ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ଏଥିରେ ପୌରୋହିତ୍ୟ କରିଥିଲେ। ପ୍ରାକ୍ତନ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ନାୟକ, ମୁକ୍ତିକାନ୍ତ ଶତପଥୀ, ଅରୁଣ କୁମାର ସ୍ୱାଇଁ, ଆଇନଜୀବୀ ନିରଞ୍ଜନ ବେହେରା, ନାରାୟଣ ପ୍ରସାଦ ପେଡ଼ା, ଅଭିରାମ ମହାପାତ୍ର, ଅରୁଣ କୁମାର ଦାସ, ବୁଦ୍ଧିରାମ ପାଣିଗ୍ରାହୀ, ଦେବେନ୍ଦ୍ର କୁମାର ରାଉତ, ଚିନ୍ତାମଣି ସାହାଣୀ ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ। ସ୍ୱର୍ଗତ ଦାସ ଜଣେ କ୍ରାନ୍ତିକାରୀ ପୁରୁଷ ଥିଲେ। ସ୍ୱାଧୀନତା ସଂଗ୍ରାମରେ ତାଙ୍କର ପ୍ରମୁଖ ଅବଦାନ ଥିବାରୁ ପାଠ୍ୟ ପୁସ୍ତକରେ ତାଙ୍କ ଜୀବନୀ ସ୍ଥାନିତ କରିବାକୁ ଦାବି କରାଯାଇଥିଲେ। ସୃଷ୍ଟିଧର ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।


ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ପ୍ରତିଭା ସମ୍ବର୍ଦ୍ଧନା ସମାରୋହ



ଧାମନଗର, ୧୩।୮ (ଦେବେନ୍ଦ୍ର ଆଦ୍ଦିଆ)

ପରିବେଶ ପ୍ରଦୂଷଣ ଯୋଗୁ ଜୀବଜଗତ ଆସନ୍ନ ବିପଦର ସମ୍ମୁଖୀନ ହେଉଛି। ଏଭଳି ସଙ୍କଟରେ ବହୁଳ ସବୁଜ ବନାନୀ ସୃଷ୍ଟି ଆବଶ୍ୟକ। ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତି ସଚେତନ ହେବା ଉଚିତ ବୋଲି ଉତ୍କଳ ଯାଦବ ମହାସଭା ଧାମନଗର ଶାଖାର ବାର୍ଷିକ ପ୍ରତିଭା ସମ୍ବର୍ଦ୍ଧନା ସମାରୋହରେ ମତପ୍ରକାଶ ପାଇଛି। ଗୋବିନ୍ଦପୁର ପଞ୍ଚାୟତସ୍ଥିତ କଷଟିଠାରେ ସଭାପତି ସୁବାସ ଚନ୍ଦ୍ର ବାରିକଙ୍କ ପୌରୋହିତ୍ୟରେ ଯାଦବ ମହାସଭାର ତ୍ରୟୋଦଶ ବାର୍ଷିକ ବୃକ୍ଷରୋପଣ ଏବଂ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ମହାସଭାର ଭଦ୍ରକ ଜିଲା ସଭାପତି ନାଟ୍ୟକାର ଡ. ସୁଧାଂଶୁ ନାୟକ ଓ ମୁଖ୍ୟବକ୍ତା ଭଦ୍ରକ ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ସ୍ତମ୍ଭକାର ଡ. ଅଭୟ କୁମାର ଦାସ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଆନନ୍ଦପୁର ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ହେମେନ୍ଦ୍ର ମହାନ୍ତି, ଧାମନଗର ପ୍ରେସ କ୍ଲବର ସଭାପତି ବୈକୁଣ୍ଠ ନାଥ ସାହୁ, ଅଧ୍ୟାପକ ତ୍ରିଲୋଚନ ଦାସ, ଶିକ୍ଷାବିତ୍ ରଙ୍କନିଧି ଜେନା ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ କଷଟିସ୍ଥିତ ଗଣେଶ ମନ୍ଦିର ପରିସରରେ ଶତାଧିକ ଚାରାରୋପଣ କରାଯାଇଥିଲା। ଏଥିସହ ରାଜ୍ୟ ସମ୍ମାନପ୍ରାପ୍ତ ଶିକ୍ଷାବିତ୍ ଶୁକଦେବ ନାୟକ, ସାମାଜିକ କର୍ମୀ ସୁଧୀର ଓଝା, ସଫଳ ଚାଷୀ ଅକ୍ଷୟ ପଲାଇ ଏବଂ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ନାଟ୍ୟକାର କୁଳମଣି ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଅନିଲ କୁମାର ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟତମ ସମ୍ପାଦକ ମାଧବ ଖଟୁଆ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉପସଭାପତି ଅମରେଶ ପଲାଇ ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଗଠନର କର୍ମକର୍ତ୍ତା ସତ୍ୟମୂର୍ତ୍ତି ବେହେରା, କ୍ଷେତ୍ରବାସୀ ବାରିକ, ରାଜୀବ ଦାସ, ଗୌରୀଶ୍ୟାମ ପରିଡ଼ା, ମନୋଜ ପଲାଇ, ହୃଷିକେଶ ମାଝୀ, ମହେନ୍ଦ୍ର ମାଝୀ, ଯୁବ ଯାଦବ ସଭାପତି ଜ୍ଞାନେନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ସରକାରୀ ଗସ୍ତ ନାମରେ ପରିଭ୍ରମଣ

## ଅଭିଯୋଗ କଲେ ପୂର୍ବତନ ବିଧାୟକ

କେନ୍ଦୁଝର, ୧୩।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କେନ୍ଦୁଝର ଗସ୍ତକୁ ନେଇ ଚର୍ଚ୍ଚା ଜୋର ଧରିଛି। ୩ ଦିନିଆ ଜିଲା ଗସ୍ତରେ ଆସିଥିବା ଏହି ଅଧିକାରୀ ସରକାରୀ କାମ ଦର୍ଶାଇ ପରିବାର ଓ ବନ୍ଧୁଙ୍କ ପରିବାର ସହ ମିଶି ସରକାରୀ ଗାଡ଼ିରେ ଘଟଗାଁ ମା' ତାରିଣୀ ମନ୍ଦିର, ଗୁଣ୍ଡିଚାଘାଗୀ ଜଳ ପ୍ରପାତ ଇତ୍ୟାଦି ପରିଭ୍ରମଣ କରିବା ପରେ କେନ୍ଦୁଝର ସର୍କିଟ ହାଉସରେ ଶନିବାର ରହିଥିଲେ। ରବିବାର ବଲାଣି ସେଲ୍ ଗେଷ୍ଟ ହାଉସରେ ରହିବା ନେଇ ସୂଚନା ମିଳିଥିବା ବେଳେ ସୋମବାର ନାମକୁମାତ୍ର ଯୋଡ଼ା ବ୍ଲକ୍‌ର ୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସରକାରୀ ଗସ୍ତରେ ଆସି ବେସରକାରୀ କାର୍ଯ୍ୟ କରିଥିବା ଉକ୍ତ ଅଧିକାରୀଙ୍କ ବିରୋଧରେ ସରକାର କି ପଦକ୍ଷେପ ଗ୍ରହଣ କରିବେ। ଗସ୍ତ ସମୟରେ ହୋଇଥିବା ଖର୍ଚ୍ଚ କେଉଁଠୁ ଭରଣା କରିବେ, ତାହା ତଦନ୍ତ କରିବାକୁ ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଶନିବାର ଓ ରବିବାର ସରକାରୀ କାର୍ଯ୍ୟାଳୟ ଏବଂ ବିଦ୍ୟାଳୟ ଗୁଡ଼ିକ ଛୁଟି ଥିବାବେଳେ ଉକ୍ତ ଅଧିକାରୀଙ୍କ ଗସ୍ତର ଉଦ୍ଦେଶ୍ୟ ଯେ, ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଥିଲା, ତାହା ସ୍ପଷ୍ଟ ପ୍ରମାଣିତ ହୋଇଛି। ଜିଲା ମୁଖ୍ୟାଳୟରେ ଅନେକ ବେସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆବଶ୍ୟକ ଭିତ୍ତିଭୂମି, ଯୋଗ୍ୟ ଶିକ୍ଷକ, ପରୀକ୍ଷାଗାର ଆଦି ନାହିଁ। ଫଳରେ ବହୁ ଟଙ୍କା ଖର୍ଚ୍ଚ କରି ପିଲାମାନେ ନାମ ଲେଖାଉଥିଲେ ହେଁ ସେସବୁ ସୁବିଧାରୁ ବଞ୍ଚିତ ରହୁଛନ୍ତି। ଏଣୁ ଦୁଇ ଦିନ ରହଣି ସମୟରେ କେବଳ ଖଣି ଅଞ୍ଚଳରେ ଥିବା ୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନ ଧର୍ମକୁ ଆଖିଠାର ସଦୃଶ ହୋଇଛି। ଏଣୁ ସରକାର ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ପୂର୍ବତନ ବିଧାୟକ ଦାବି କରିଛନ୍ତି।

# ପୁଅକୁ ଖୋଜିବାକୁ ପଶ୍ଚିମବଙ୍ଗରୁ ମୋରଡ଼ା

ମୋରଡ଼ା, ୧୩।୮ (ସ୍ୱାରକ ମାଜୀ)- ପଶ୍ଚିମବଙ୍ଗର ପଶ୍ଚିମ ମେଦିନୀପୁର ଥାନା ଅଧୀନ ନୟାଗ୍ରାମ ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କର କଥା କହି ପାରୁ ନ ଥିବା ନାବାଳକ ପୁଅକୁ ଖୋଜି ଖୋଜି ରବିବାର ମୟୂରଭଞ୍ଜ ଜିଲା ମୋରଡ଼ାରେ ପହଞ୍ଚି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁଯାୟୀ, ନୟାଗ୍ରାମ ଅଞ୍ଚଳର ଜହରଲାଲ ରାଉତ ତାଙ୍କ ପୁଅଙ୍କୁ ଖୋଜି ଖୋଜି ମୋରଡ଼ା ଛକରେ ପହଞ୍ଚିଥିଲେ। ଏଠାରେ ତାଙ୍କ ପୁଅ ବିଷୟରେ ସ୍ଥାନୀୟ ଲୋକଙ୍କୁ ପଚାରିଥିଲେ। ତାଙ୍କ ସମ୍ପର୍କୀୟ ମୋରଡ଼ା ବ୍ଲକର ବେଲାଝୁରୀରେ ବସବାସ କରନ୍ତି। ଏଣୁ ପୁଅ ଏଠାକୁ ପଳାଇ ଆସିଥିବା ଭାବି ସେ ଖୋଜିବାକୁ ଆସିଛନ୍ତି।

# ପରେଡ୍ ଅଭ୍ୟାସ କଲେ ୪ ହଜାର ଛାତ୍ରୀଛାତ୍ର

ଭୋଗରାଇ, ୧୩।୮ (ପ୍ରଦୀପ ଦାସ)


ଛାତ୍ରୀମାନେ ପରେଡ୍ ଅଭ୍ୟାସ କରୁଛନ୍ତି।

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଥାନାଛକ ହେଲିପ୍ୟାଡ୍‌ଠାରେ ସ୍ୱାଧୀନତା ଦିବସ ଉପଲକ୍ଷେ ୪ ହଜାର ଛାତ୍ରୀଛାତ୍ର ପରେଡ୍ ଅଭ୍ୟାସ କରିଛନ୍ତି। ବ୍ଲକର ୪ଟି ମହାବିଦ୍ୟାଳୟ ସହିତ ପ୍ରାଥମିକ, ନୋଡାଲ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ୧୦୦ ବାଳିକା ବାଳକ ଗ୍ରୁପ ଏଥିରେ ଅଂଶ ଗ୍ରହଣ କରିଛନ୍ତି। ପ୍ରତ୍ୟେକ ସ୍କୁଲ କଲେଜର ଗାଇଡ୍ ଓ କ୍ରୀଡ଼ା ଶିକ୍ଷକଙ୍କ ନିର୍ଦ୍ଦେଶରେ ୨ ଘଣ୍ଟା ଧରି ଅଭ୍ୟାସ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବାକୁ ସମ୍ମତି ପ୍ରଦାନ କରିଛନ୍ତି। ଭୋଗରାଇ ସ୍ୱାଧୀନତା ଦିବସ ପ୍ରସ୍ତୁତି କମିଟିର ସଦସ୍ୟ ତଥା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କମଳ ଲୋଚନ ବିଶ୍ୱାଳ, ବ୍ଲକ ଚେୟାରମ୍ୟାନ ପ୍ରବୀର କୁମାର ଗିରି, ସଦସ୍ୟା ନଳିନୀ ସେଠୀ, ଭବେନ୍ଦ୍ର କୁମାର ସାହୁ, ବିଶିଷ୍ଟ ଆଇନଜୀବୀ ଭୁବନାନନ୍ଦ ଦାସ, ମୁଖ୍ୟ ଗାଇଡ୍ ଶିକ୍ଷକ ଶ୍ରୀହରି ଦାସ, ଶୁଭେନ୍ଦୁ ଆଚାର୍ଯ୍ୟ, ହିମାଂଶୁ ଦାସ ପ୍ରମୁଖ ଏହି ପରେଡ୍ ଅଭ୍ୟାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଚମ୍ପୁଆ ଚିକିତ୍ସାଳୟରେ ହେବ ଟ୍ରମାକେୟାର

## ଆବଶ୍ୟକ ଜମି ଯୋଗାଇ ଦେବାକୁ ଚିଠି

ଚମ୍ପୁଆ, ୧୩।୮ (ମହେଶ୍ୱର ଦାସ)

ସ୍ୱାସ୍ଥ୍ୟସେବାକୁ ଆଗକୁ ନେବା ଲକ୍ଷ୍ୟରେ ଉପାନ୍ତ ଅଞ୍ଚଳ ଚମ୍ପୁଆରେ ଟ୍ରମାକେୟାର ଚିକିତ୍ସା ଉପଲବ୍ଧ କରାଯିବାକୁ ନେଇ ପ୍ରସ୍ତୁତି ଆରମ୍ଭ କରାଯାଇଛି। ଜରୁରୀକାଳିନ ସେବା କ୍ଷେତ୍ରରେ ଟ୍ରମାକେୟାର ଚିକିତ୍ସାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଛି। ଚମ୍ପୁଆରେ ଏହି ସେବା ତଥା ଚିକିତ୍ସାଳୟ ପାଇଁ ଆବଶ୍ୟକ ଜମିଯୋଗାଇ ଦେବାକୁ ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁ ସ୍ଥାନୀୟ ତହସିଲଦାର, ଉପଜିଲାପାଳ ଓ ଜିଲାପାଳଙ୍କୁ ଚିଠି କରିଛନ୍ତି। ଟ୍ରମାକେୟାର ନିର୍ମାଣ କରାଗଲେ ରୋଗୀମାନେ ଆଇସିୟୁ, ଅଲଟ୍ରା ସିନୋଗ୍ରାଫି, ସିଟି ସ୍କାନ, ଅକ୍ସିଜେନ ପ୍ଲାଣ୍ଟ, ଭେଣ୍ଟିଲେଟର, ଶବଗୃହ, ନିୟୁରସର୍ଜରୀ କିଟ୍, ଏକ୍ସରାଏ, ଉଚ୍ଚକ୍ଷମତା ସମ୍ପର୍ଣ୍ଣ ଅପରେସନ ଥିଏଟର ଆଦିର ବ୍ୟବସ୍ଥା ରହିବ। ଏଥିପାଇଁ ଆନେସ୍ଥେସିଆ ଡାକ୍ତର ୨ ଜଣ, ଅର୍ଥପେଡ଼ିକ ବିଭାଗର ୨, ସର୍ଜରୀ ବିଭାଗର ୨, କାଜୁଆଲଟି ମେଡିକାଲ ଅଫିସର ୬ ସମେତ ୨୫ ଷ୍ଟାଫନର୍ସ କାର୍ଯ୍ୟ କରିବେ। ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟ ଏକ ରେଫରାଲ ଚିକିତ୍ସାଳୟ ହୋଇଥିବା ବେଳେ ଦିନକୁ ଦିନ ଚମ୍ପୁଆ ଉପଖଣ୍ଡରେ ବଢୁଥିବା ସଡ଼କ ଦୁର୍ଘଟଣାରେ ଗୁରୁତର ରୋଗୀଙ୍କୁ ଏହାଦ୍ୱାରା ତୁରନ୍ତ ସେବା ପ୍ରଦାନ କରାଯାଇପାରିବ। ଅନ୍ୟପକ୍ଷରେ ଏହି ଚିକିତ୍ସାଳୟ ୧୯୧୦ରୁ ଚମ୍ପୁଆ ଉପଖଣ୍ଡ ସହିତ ଝାଡ଼ଖଣ୍ଡ ରାଜ୍ୟ ଓ ମୟୂରଭଞ୍ଜ ଜିଲାର ରୋଗୀଙ୍କୁ ସେବା ଯୋଗାଇ ଆସୁଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. SNTPBBS-032023-IPMPLS, ତା.11.08.2023ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥରେ LAN ଇନ୍‌ଫ୍ରା, VoIP ଭିତ୍ତିକ କଣ୍ଟ୍ରୋଲ କମ୍ୟୁନିକେଶନ ଏବଂ IP-MPLS ଭିତ୍ତିକ ନେଟୱାର୍କକୁ ନେଇ ଗଠିତ ସମନ୍ୱିତ ଯୋଗାଯୋଗ ଭିତ୍ତିଭୂମିର କାର୍ଯ୍ୟାନ୍ୱୟନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (₹) :** 42,39,14,361.87, EMD (₹) : 22,69,600/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.04.09.2023ରିଖ 1030 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ (P), ଭୁବନେଶ୍ୱର
PR-53/CG/23-24

## ବିଦେଶୀ ମଦ ଜବତ, ଜଣେ ଗିରଫ

ତେଲକୋଇ,(ରଞ୍ଜିତ ବିଶ୍ୱାଳ): କେନ୍ଦୁଝର ଜିଲା ତେଲକୋଇ ପୋଲିସ ବେଆଇନ ମଦ କାରବାର ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଆକୁଳ ଗ୍ରାମର ମନୋଜ ସାହୁ। ତାଙ୍କ ନିକଟରୁ ୧୦୨ ଲିଟର ବିଦେଶୀ ମଦ ଜବତ ହୋଇଛି। ଥାନାରେ ଏକ ମାମଲା(ନଂ.୧୬୩/୨୩)ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କାର୍ଟଚାଲାଣ କରାଯାଇଥିଲା। ତେଲକୋଇ ଥାନା ଭାରପ୍ରାପ୍ତ ଅଧିକାରୀ ବିଜୟ କୁମାର ବିହାରୀ ସୂଚନା ଦେଇଛନ୍ତି।

### ସଂକ୍ଷେପରେ

## ୫୭୬୦ କେଜି ପୋଚ ନଷ୍ଟ କଲା ଅବକାରୀ ବିଭାଗ

ମୋରଡ଼ା,୧୩।୮(ସ୍ମାରକ ମାଜୀ): ମୟୂରଭଞ୍ଜ ଜିଲା ମୋରଡ଼ା ଅବକାରୀ ବିଭାଗ ଓ ମୋବାଇଲ ଅବକାରୀ ଟିମ୍ ପକ୍ଷରୁ ରବିବାର ଚୋରା ଦେଶୀ ମଦ ପ୍ରସ୍ତୁତ ଭାଟି ଉପରେ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ବିପୁଳ ପରିମାଣର ପୋଚ ଓ ମଦ ନଷ୍ଟ କରାଯିବା ସହ ମଦ ପ୍ରସ୍ତୁତରେ ବ୍ୟବହୃତ ପ୍ଲାଷ୍ଟିକ ଡ୍ରମ୍ ଓ ଆଲୁମିନିୟମ ଡେକଚି ଜବତ କରାଯାଇଥିବା ଜଣାପଡ଼ିଛି। ଅବକାରୀ ଥାନା ଅଧୀନ ହାଣ୍ଡିଭଙ୍ଗା ଓ ସମାଇଡ଼ିହି ଅଞ୍ଚଳରେ ଚୋରାରେ ଦେଶୀ ମଦ ପ୍ରସ୍ତୁତ ହେବା ସହିତ ବିପୁଳ ପରିମାଣର ଚୋରା ଦେଶୀ ମଦ ଚୋରାଚାଲାଣ ହେଉଥିବା ଖବର ପାଇ ଅବକାରୀ ବିଭାଗ ଚଢ଼ାଉ କରିଥିଲା। ମୋରଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଅନିକ କୁମାର ସାଥୁଆ ଏବଂ ମୋବାଇଲ ଅବକାରୀ ଇନ୍ସପେକ୍ଟର ବିଜୟଲକ୍ଷ୍ମୀ ଦାସ ସଦଳବଳେ ଉକ୍ତ ଦୁଇଟି ସ୍ଥାନରେ ଚଢ଼ାଉ କରି ମୋଟ ୫୭୬୦ କେଜି ମହୁଲ ପଚ ଏବଂ ୧୩୦ ଲିଟର ମଦକୁ ଘଟଣା ସ୍ଥଳରେ ନଷ୍ଟ କରିଥିଲେ। ୮ଟି ଆଲୁମିନିୟମ ଡେକଚି ଓ ୯୬ ପ୍ଲାଷ୍ଟିକ ଡ୍ରମ୍‌କୁ ଘଟଣା ସ୍ଥଳରୁ ଜବତ କରିଥିବା ଜଣାପଡ଼ିଛି।

## ମାଲ୍ ବୁହା ଗାଡ଼ିରେ ଯାତ୍ରୀ ପରିବହନ

ଔପଦା,୧୩।୮(ଧରିତ୍ରୀ ପଣ୍ଡା)

ସରକାର ଦୁର୍ଘଟଣାକୁ ରୋକିବା ପାଇଁ କଡାକଡ଼ି ନିୟମ କରି ବିଭିନ୍ନ ପ୍ରକାର ଯାନ ବାହାନକୁ ଯାଞ୍ଚ କରିବା ପାଇଁ ବ୍ୟବସ୍ଥା କରିଥିବା ବେଳେ ଔପଦାରେ ଏହି ନିୟମର ଖୁଲମ୍ ଖୋଲା ଉଲ୍ଲଂଘନ ହେଉଥିବା ଦେଖିବାକୁ ମିଳିଛି। ଚାଷ କାମ ସମୟରେ ମୟୂରଭଞ୍ଜ ଓ ଔପଦା ଅଞ୍ଚଳରୁ ଆସୁଥିବା ଆଦିବାସୀମାନଙ୍କ ଜୀବନ ସହିତ ଦଲାଲମାନେ ଖେଳ ଖେଳି ଖୋଲା ଯାନରେ ସେମାନଙ୍କୁ ବାହାରକୁ ନେଇ କାମରେ ଲଗାଉଛନ୍ତି। ମହିଳା ଆଦିବାସୀଙ୍କଠାରୁ ଯୁବତୀଯୁବକ ଓ ବୟସ୍କମାନଙ୍କୁ ପିକଅପ୍, ଟାଟା ଏସ୍ ପରି ମାଲ ବୁହା ଗାଡ଼ିରେ ମୟୂରଭଞ୍ଜର ପଦ୍ମପୋଖରୀ, ମାଙ୍କଡ଼ପଡ଼ା, ଛତରାଆମ୍ବ, ଟୁଲଗଡ଼ିଆ ଅଞ୍ଚଳ ସହ ଔପଦା ଅଞ୍ଚଳରୁ ମଧ ହଜାର ହଜାର ସଂଖ୍ୟାରେ ଆଦିବାସୀଙ୍କୁ ବେପରୁଆ ଭାବେ ଭର୍ତ୍ତି କରି ଦୁର୍ଗମ ପାହାଡ଼ି ରାସ୍ତା ଅତିକ୍ରମ କରି ସୁଦୂର ଅଞ୍ଚଳକୁ ଯାଉଥିବା ବେଳେ ଏଥିପ୍ରତି କାହାରି ନଜର ପଡୁନାହିଁ। ଦଲାଲମାନେ ଚାଷୀଙ୍କୁ ଲୋକ ଯୋଗାଇ ଦେବା ପାଇଁ କହି ୩୫୦ରୁ ୪୦୦ଟଙ୍କା ମଜୁରୀ ଆଣୁଥିବା ବେଳେ ନିରୀହ ଆଦିବାସୀମାନଙ୍କୁ ୨୩୦ରୁ ୨୫୦ଟଙ୍କା ମଜୁରୀ ଦେଉଥିବା ଜଣାପଡ଼ିଛି। ଆଦିବାସୀମାନଙ୍କୁ ନେଇ ଔପଦା ବଜାର ଦେଇ ବିଭିନ୍ନ ପ୍ରକାରର ବହୁ ଗାଡ଼ି ବାହାରକୁ ଯାଉଥିବା ବେଳେ ସ୍ଥାନୀୟ ଲୋକେ ଚାଷ କାମ ପାଇଁ ଲୋକ ପାଉ ନାହାନ୍ତି। ଫଳରେ ସ୍ଥାନୀୟ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଔପଦା-ଗଣ୍ଡିବେଡ଼ ରାସ୍ତାର ସମସରପୁର ଛକଠାରେ ଲୋକେ



ଖୋଲା ଗାଡ଼ିରେ ଶ୍ରମିକଙ୍କୁ ନିଆଯାଉଛି।

ଗାଡ଼ିଗୁଡିକ ଅଟକାଇ ଥିବା ଜଣାପଡ଼ିଛି। ବିଭିନ୍ନ ସମୟରେ ପରିବହନ ବିଭାଗ ଆର୍‌ଟିଓ, ଏମ୍‌ଭିଆଇ ବିଭାଗ ସହ ପୋଲିସ ମୋଟର ସାଇକେଲଠାରୁ ବିଭିନ୍ନ ପ୍ରକାର ଯାନକୁ ଯାଞ୍ଚ କରି ଜରିମାନା ଆଦାୟ କରୁଥିବା ବେଳେ ବେପରୁଆ ଭାବେ ମାଲ ବୁହା ଗାଡ଼ିରେ ଯାତ୍ରୀ ପରିବହନ ଘଟଣା ପ୍ରତି ନଜର ନ ପଡ଼ିବାରୁ ବିଭାଗର କାର୍ଯ୍ୟକଳାପ ପ୍ରତି ସନ୍ଦେହ ସୃଷ୍ଟି ହୋଇଛି।

## ଜେଲ ଗଲେ ସ୍ୱାମୀ, ଶ୍ୱଶୁର

ରୂପ୍‌ସା,୧୩।୮(ବାଞ୍ଛାନିଧି ଦେ)

### ମହିଳାଙ୍କୁ ହତ୍ୟା ମାମଲା

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଜହତା କୂଳ ଗ୍ରାମର ବିଜୟ ନାୟକଙ୍କ ସ୍ତ୍ରୀ ହରପ୍ରିୟା ନାୟକ (୨୨)ଙ୍କୁ ହତ୍ୟା ମାମଲାରେ ପୋଲିସ ଅଭିଯୁକ୍ତ ସ୍ୱାମୀ ବିଜୟ ନାୟକ ଓ ଶ୍ୱଶୁର ଦାମୋଦର ନାୟକଙ୍କୁ ଶନିବାର ଗିରଫ କରିଛି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ. ୮୦/୨୩) ରୁଜୁ ହୋଇ ଗିରଫ ସ୍ୱାମୀ ଓ ଶ୍ୱଶୁରଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଗତ ୧୦ ତାରିଖ ରାତିରେ ବିଜୟଙ୍କ ଘରେ ସମସ୍ତେ ଖାଇ ସାରି ଶୋଇଥିଲେ। ୧୧ ତାରିଖ ଭୋର ସମୟରେ ହରପ୍ରିୟା ଘରେ ବେକରେ ଶାଢ଼ି ବାନ୍ଧି ଝୁଲି ପଡ଼ିଥିବା ପରିବାର ଲୋକେ ଦେଖିଥିଲେ। ଖବର ପାଇ ମୃତ ମହିଳାଙ୍କ ବାପଘର ଓ ସମ୍ପର୍କୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ହରପ୍ରିୟାଙ୍କୁ ସ୍ୱାମୀ, ଶ୍ୱଶୁର, ଯାଆ ଓ ଦେଢ଼ଶୁର ମିଶି ହତ୍ୟା କରିଥିବା ନେଇ ତାଙ୍କ ଭାଇ କିଶୋର କୁମାର ମନ୍ତ୍ରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆଇଆଇସି ପ୍ରଫୁଲ୍ଲ ମଲ୍ଲିକ ଓ ଏଏସ୍‌ଆଇ ପୁମା ଦେଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ ସହ ତଦନ୍ତ ଆରମ୍ଭ କରିଥିଲେ। ମାଜିଷ୍ଟ୍ରେଟ ଭାବେ ତହସିଲଦାରଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରାଯାଇ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ଉଲ୍ଲେଖଯୋଗ୍ୟ, ୨୦୧୮ରେ ଏହି ଥାନା ଅଧୀନ ଆଗୁରଗୋହିରା ଗ୍ରାମର ରାମଚନ୍ଦ୍ର ମନ୍ତ୍ରୀଙ୍କ ଏକ ମାତ୍ର କନ୍ୟା ହରପ୍ରିୟାଙ୍କ ସହ ବିଜୟଙ୍କର ବୈଦିକ ରୀତିରେ ବିବାହ ଅନୁଷ୍ଠିତ ହୋଇଥିଲା। ତାଙ୍କର ଜଣେ ୪ ବର୍ଷର ଶିଶୁକନ୍ୟା ଅଛି।

## ଶହୀଦଙ୍କ ସମ୍ମାନାର୍ଥେ କ୍ୟାଣ୍ଡେଲ ଶୋଭାଯାତ୍ରା

ଆନନ୍ଦପୁର,୧୩।୮(ସନ୍ତୋଷ ରାଉତ) କେନ୍ଦୁଝର ଜିଲା ଆନନ୍ଦପୁରର ସିଆରପିଏଫ ଯବାନ୍ ଶହୀଦ ସୁଶାନ୍ତଙ୍କ ସମ୍ମାନାର୍ଥେ ଯୁବଗୋଷ୍ଠୀଙ୍କ ପକ୍ଷରୁ ରବିବାର ସନ୍ଧ୍ୟାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ମହାବିଦ୍ୟାଳୟ ସମ୍ମୁଖରୁ ଶତାଧିକ ଯୁବ ଗୋଷ୍ଠୀ ଶୋଭାଯାତ୍ରାରେ ସାମିଲ ହୋଇ ବଡ଼ଦାଣ୍ଡ ପର୍ଯ୍ୟନ୍ତ ଆସିଥିଲେ। ଶହୀଦ ସୁଶାନ୍ତ ଅମର ରହେ ଧ୍ୱନୀରେ ରାସ୍ତା ପ୍ରକମ୍ପିତ ହୋଇଥିଲା। ବଡ଼ଦାଣ୍ଡଠାରେ ଦଧିବାମନ ଜୀଉ ମନ୍ଦିର ନିକଟରେ କ୍ୟାଣ୍ଡେଲ୍ ସମର୍ପଣ କରାଯାଇଥିଲା। ଅନ୍ୟପକ୍ଷରେ ସକାଳ ସମୟରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ଶହୀଦଙ୍କ ପରିବାରବର୍ଗଙ୍କ ନିକଟରେ ପହଞ୍ଚି ସମବେଦନା ଜଣାଇଥିଲେ। ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସନ୍ଧ୍ୟା ସମୟରେ ଶହୀଦଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇବା ସହ କ୍ୟାଣ୍ଡଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।



## ଜିଲାସ୍ତରୀୟ ଝୋଟି ପ୍ରତିଯୋଗିତା



ପ୍ରତିଯୋଗୀ ଓ ସେମାନଙ୍କ ଦ୍ୱାରା ଅଙ୍କା ଯାଇଥିବା ଝୋଟି।

ବାଲେଶ୍ୱର ଅଫିସ,୧୩।୮(ମାନସ ବିଶ୍ୱାଳ)

### ୪୫ରୁ ଉର୍ଦ୍ଧ୍ୱ ମହିଳା ଓ ଯୁବତୀଙ୍କ ଅଂଶଗ୍ରହଣ

ବାଲେଶ୍ୱର ଜିଲା ସ୍କୁଲ ପରିସରରେ ସ୍ୱାଧୀନତା ଦିବସ ଉପଲକ୍ଷେ 'ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ କ୍ରାଫ୍ଟ ଫର ଓମେନ୍' ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଜିଲାସ୍ତରୀୟ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ସହର ସମେତ ଆଖପାଖ ଅଞ୍ଚଳରୁ ୪୫ରୁ ଉର୍ଦ୍ଧ୍ୱ ମହିଳା ଓ ଯୁବତୀ ଏଥିରେ ଅଂଶଗ୍ରହଣ କରିଥିଲେ।

ସଦର ସିଡିପିଓ ସାଗରିକା ଦତ୍ତ, ଜିଲା ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୂର୍ଯ୍ୟକାନ୍ତି ମହାନ୍ତି, ମିଶନ ଶକ୍ତି ବାଲେଶ୍ୱର ମ୍ୟୁନିସିପାଲିଟି ପ୍ରକଳ୍ପ ପରିଚାଳିକା ଶକ୍ତିପ୍ରିୟା ବିଶ୍ୱାଳ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ମିଶନ ଶକ୍ତି ସଦର ବ୍ଲକ ପ୍ରକଳ୍ପ ପରିଚାଳିକା ପ୍ରିୟଦର୍ଶିନୀ ଆଚାର୍ଯ୍ୟ, ଚିତ୍ରଶିଳ୍ପୀ ମରୁତ କୁମାର ରାଉତ ଓ ପ୍ରକାଶ ମହାନ୍ତି ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। 'ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ କ୍ରାଫ୍ଟ ଫର ଓମେନ୍'ର ସଭାନେତ୍ରୀ ଅର୍ଚ୍ଚନା ନନ୍ଦୀଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସମ୍ପାଦିକା ସରସ୍ୱତୀ ପଣ୍ଡା, ରାଜଲକ୍ଷ୍ମୀ ଚାଟାର୍ଜୀ, ବିନା ନନ୍ଦୀ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ପ୍ରତିଯୋଗୀମାନେ ଅରୁଆ ଚାଉଳ ପିଠଉରେ ଉତ୍କଳୀୟ ପ୍ରାଚୀନ କଳା ସଂସ୍କୃତିକୁ ବିଦ୍ୟାଳୟ ଚଟାଣରେ ଆଙ୍କିଥିଲେ। ଚଳିତ ବର୍ଷ ଲକ୍ଷ୍ମୀ ପାଦ ପୃଷ୍ଠଭୂମୀକୁ ନେଇ ସମସ୍ତେ ଝୋଟି ଅଙ୍କନ କରିଥିଲେ । ବିଚାରକମାନଙ୍କ ନିଷ୍ପତ୍ତି କ୍ରମେ ଅନିମା ବେହେରା ପ୍ରଥମ, ନମିତା ପରିଡା ଦ୍ୱିତୀୟ, ରଜନୀ ମହତା ତୃତୀୟ ହୋଇଥିବା ବେଳେ ଝୁନୁରାଣୀ ବାରିକଙ୍କୁ ଶାନ୍ତ୍ୱନାମୂଳକ ପୁରସ୍କାର ପାଇଁ ଚୟନ କରାଯାଇଥିଲା।

## ସାପ କାମୁଡ଼ାରେ ଯୁବକ ମୃତ

ଲଙ୍ଗଳେଶ୍ୱର,୧୩।୮(କମଳାକାନ୍ତ ଦାସ)

ସିଂଲା ଥାନା ଅନ୍ତର୍ଗତ ଆଲୁମେଦା ପଞ୍ଚାୟତର ମିର୍ଗାପାହି ଗ୍ରାମରେ ସାପକାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଦିଲ୍ଲୀପ ସାହୁ (୩୫)। ସୂଚନା ଅନୁଯାୟୀ, ଦିଲ୍ଲୀପ ବିଲକୁ କାମ କରିବାକୁ ଯାଇ ରବିବାର ଅପରାହ୍ନରେ ଫେରିବା ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ମଧ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ଦୀଲ୍ଲୀପ ଜଣେ ଅତ୍ୟନ୍ତ ଗରିବ ପରିବାରର ହୋଇଥିବା ବେଳେ ତାଙ୍କର ଜଣେ ୬ ବର୍ଷର ପୁଅ ଏବଂ ୨ ବର୍ଷର ଝିଅ ଅଛନ୍ତି। ତାଙ୍କ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## 'ଅସହାୟ, ଅବହେଳିତଙ୍କୁ ସାହାଯ୍ୟ କରିବା ମୁଖ୍ୟ ଉଦ୍ଦେଶ୍ୟ ହେଉ'

ଭଦ୍ରକ,୧୩।୮(ସନାତନ ରାଉତ)

### ରାଜ୍ୟସ୍ତରୀୟ ମାନବାଧିକାର କର୍ମୀ ସମ୍ମିଳନୀ

ଜାତୀୟ ମାନବାଧିକାର ସାମ୍ମୁଖ୍ୟ ଓଡ଼ିଶା ଶାଖା ପକ୍ଷରୁ ରବିବାର ଭଦ୍ରକ ଜିଲା ସଂସ୍କୃତି ଭବନରେ ରାଜ୍ୟସ୍ତରୀୟ ମାନବାଧିକାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମାଜରେ ଘଟୁଥିବା ବିଭିନ୍ନ ଅନୈତିକ କାର୍ଯ୍ୟକୁ ସମୀକ୍ଷା କରି ମାନବାଧିକାର କମିଶନ ନିକଟରେ ତଥ୍ୟ ଉପସ୍ଥାପନ କରିବା, ଅସହାୟ ଅବହେଳିତମାନଙ୍କୁ ସାହାଯ୍ୟ କରିବା ମାନବାଧିକାର ସାମ୍ମୁଖ୍ୟର ମୁଖ୍ୟ ଉଦ୍ଦେଶ୍ୟ ହେବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ନିର୍ମଳ ଚନ୍ଦ୍ର ସ୍ୱାଇଁ ସଭାପତିତ୍ୱ ଓ ଆଇନଜୀବୀ ଉପେନ୍ଦ୍ର ରାଉଳ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ, ମୁଖ୍ୟବକ୍ତା ଅତିରିକ୍ତ ଏସ୍‌ପି ବିଜୟ ରଞ୍ଜନ କେରକେଟା ଏବଂ ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ନରେନ୍ଦ୍ର କୁମାର ପ୍ରଧାନ, ଓକିଲ ସଂଘ ସଭାପତି ନିରାକର ଜେନା, ମାନବାଧିକାର ସାମ୍ମୁଖ୍ୟ ରାଷ୍ଟ୍ରୀୟ ଅଧକ୍ଷ ରମେଶ ଚନ୍ଦ୍ର ଭାରତୀ, ରାଷ୍ଟ୍ରୀୟ ସଭାପତି ବୀରେନ୍ଦ୍ର କୁମାର ଶର୍ମା ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ ବାର୍ଷିକ ମୁଖପତ୍ର 'ମୋ ଅଧିକାର' ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତପନ କୁମାର ପତି, ବରିଷ୍ଠ ନାଗରିକ ସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି, ଅବସରପ୍ରାପ୍ତ ପରୀକ୍ଷା ନିୟନ୍ତ୍ରକ ଅଟଳ ବିହାରୀ ନାୟକ, ବରିଷ୍ଠ ଆଇନଜୀବୀ ଦେବାଶିଷ ସାମଲ, ଶିକ୍ଷାବିତ୍ ବିଭୂତି ଭୂଷଣ ସେନାପତି, ସାମାଜିକ କର୍ମୀ ସୁରେନ୍ଦ୍ର ନାୟକ, ବନ୍ତ ବ୍ଲକ ସମ୍ପାଦକ ହେମନ୍ତ ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ଯୁଗ୍ମ ଆବାହକ ସଚ୍ଚିକାନ୍ତ ପଣ୍ଡା ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଜିଲା କୋଷାଧକ୍ଷ ଜଗନ୍ନାଥ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମିଳନୀରେ ୧୫ ଜିଲାର କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ। ଜିଲା ସମ୍ପାଦକ ପ୍ରସନ୍ନ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।



ଅତିଥିମାନେ ମୁଖପତ୍ର 'ମୋ ଅଧିକାର' ଲୋକାର୍ପଣ କରୁଛନ୍ତି।

## ବିଦ୍ୟାଳୟରେ ଚାରାରୋପଣ

ଗୋପବନ୍ଧୁନଗର, ୧୩।୮ (ଶାନ୍ତନୁ କୁମାର ମଢୁଆଳ)

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ ପୁରୁଣା ବାରିପଦା ପଞ୍ଚାୟତ ଚତୁରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିଚାଳନା କମିଟି ସଭାପତି ବିଭୂତି ଭୂଷଣ ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷକ ଓ ଶ୍ରେଣୀଗୃହ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ମାଳତୀ ରାଉତ ସରକାରଙ୍କ ଶିକ୍ଷାନୀତି ଉପରେ ଆଲୋକପାତ କରିଥିଲେ। ବୈଠକରେ ଶିକ୍ଷକ, ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ଯୋଗ ଦେଇଥିଲେ। ପରେ ବିଦ୍ୟାଳୟ ପରିସରରେ ବନ ବିଭାଗ ଦ୍ୱାରା ଯୋଗାଇ ଦିଆଯାଇଥିବା ଶହେରୁ ଅଧିକ ଚାରାରୋପଣ କରାଯାଇଥିଲା। ଶିକ୍ଷୟିତ୍ରୀ ବୈଜୟନ୍ତୀ କର, ସତ୍ୟଭାମା ମହାପାତ୍ର, ଚନ୍ଦ୍ର ମୋହନ ସିଂ, ଅଭିଭାବକ ଶକ୍ତିପଦ ଲେଙ୍କା, ରତିକାନ୍ତ ପାତ୍ର, ସରସ୍ୱତୀ ସାହୁ, ପ୍ରମିଳା ବେହେରା, ପ୍ରତାପ ଚନ୍ଦ୍ର ସିଂ ପ୍ରମୁଖ ପରିଚାଳନା କରିଥିଲେ।

## ବିଲରେ କାମ ବେଳେ ବଜ୍ରପାତରେ ଜୀବନ ଗଲା

ବନ୍ତ,୧୩।୮(ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ଟିଲୋ ପାଞ୍ଚବାଟିଆ ଗ୍ରାମର ସାଲଖାନ ହାସଁଦା(୪୦)ଙ୍କର ଶନିବାର ବଜ୍ରପାତରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ସେ ଗ୍ରାମ ନିକଟରେ ଥିବା ଚାଷଜମିକୁ କାମ କରିବାକୁ ଯାଇଥିଲେ। ଅପରାହ୍ନରେ ବର୍ଷା ସହ ବଜ୍ରପାତ ହୋଇଥିଲା। ରାତି ସୁଦ୍ଧା ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ରବିବାର ସକାଳେ ଚାଷଜମିରେ ତାଙ୍କ ମୃତଦେହ ପଡ଼ିଥିବା ପରିବାର ଲୋକେ ଦେଖିଥିଲେ। ତାଙ୍କ ମୁଣ୍ଡର କିଛି ଅଂଶ ପୋଡ଼ିଯିବା ସହ ଆଖି ଓ ପାଟିରୁ ରକ୍ତ ବାହାରିଥିବା ଦେଖାଯାଇଥିଲା। ଖବର ପାଇ ବନ୍ତ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୭/୨୩) ରୁଜୁ ହୋଇଛି। ମୃତ ସାଲଖାନଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବାକୁ ସ୍ଥାନୀୟ ସରପଞ୍ଚ ସଂଗ୍ରାମ କେଶରୀ ଜେନା, ସାମାଜିକ କର୍ମୀ ଇଂ. ଲକି ମାଷ୍ଟର ସ୍ୱାଇଁଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

## ସ୍କୁଟିରୁ ଖସିପଡ଼ି ଯୁବକଙ୍କ ମୃତ୍ୟୁ

ପାଟଣା,୧୩।୮( ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କେନ୍ଦେଇ ପଶି ପଞ୍ଚାୟତ କାଶୀପୁର ଗ୍ରାମରେ ସ୍କୁଟିରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଗ୍ରାମର ଈଶ୍ୱର ଚନ୍ଦ୍ର ନାଏକ(୩୨)। ସେ ରବିବାର ସକାଳେ ସ୍କୁଟିରେ ବିଲକୁ ଯାଉଥିବା ବେଳେ ରାସ୍ତାରେ ଟଳି ପଡ଼ିଥିଲେ। ସ୍ଥାନୀୟ ଲୋକେ ଦେଖି ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ତୁରୁମୁଙ୍ଗା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୩/୨୩) ରୁଜୁ ହୋଇଥିବା ଥାନା ଅଧିକାରୀ ଇନ୍ଦ୍ରଜିତ୍ ବେହେରା କହିଛନ୍ତି।

## ରୋଷେୟା, ସେବାୟତ ସଂଘ ପକ୍ଷରୁ ଦାବିପତ୍ର

ବିଶୋଇ,୧୩।୮(ଅମିତ ଦାସ)

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟା ଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ରାଜ୍ୟ ରୋଷେୟା ଓ ସେବାୟତ ସଂଘ ମୟୂରଭଞ୍ଜ ଶାଖା ପକ୍ଷରୁ ଏକ ଦାବିପତ୍ର ୫-ଟି ସଚିବଙ୍କୁ ପ୍ରଦାନ କରାଯାଇଛି। ୫-ଟି ସଚିବ ଭିକେ ପାଣ୍ଡିଆନ ମୟୂରଭଞ୍ଜ ଗସ୍ତରେ ଥିବାବେଳେ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆ ବର୍ଗ ବିଭାଗ ଅଧୀନସ୍ଥ ଜିଲାର ବିଭିନ୍ନ ଛାତ୍ରାବାସ ଓ ଛାତ୍ରୀନିବାସରେ କାର୍ଯ୍ୟରତ ରୋଷେୟା ଓ ସେବାୟତଙ୍କ ପକ୍ଷରୁ ସଚିବଙ୍କୁ ଉକ୍ତ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବି ମଧ୍ୟରେ ଶ୍ରମିକ ପ୍ରଥା ଉଚ୍ଛେଦ, ସରକାରୀ ଚାକିରିର ମାନ୍ୟତା ତଥା ମାନ୍ୟତା ନମିଳିବା ଯାଏଁ ଅନ୍ୟତ୍ର ବଦଳି ନକରିବା, ଅବସର ପରେ ପେନସନ, ହଷ୍ଟେଲର ଭିତ୍ତିଭୂମି ସୁଦୃଢ଼ କରିବା, ଅନୁଦାନ ଟଙ୍କାକୁ ହଡ଼ପ କରୁଥିବା କିଛି ହଷ୍ଟେଲ ପରିଚାଳକ ଓ ଅସାଧୁ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ,



ପଛୁଆ ବର୍ଗ କଲ୍ୟାଣ ବିଭାଗ ରାଜ୍ୟ ରୋଷେୟା ଓ ସେବାୟତ ସଂଘ ସଦସ୍ୟା ଓ ସଦସ୍ୟ।

ଛାତ୍ରୀ ନିବାସରେ କୌଣସି ପୁରୁଷ ରୋଷେୟାଙ୍କୁ ନିୟୋଜିତ ନକରିବା ଆଦି ଦାବିପତ୍ରରେ ଉଲ୍ଲେଖ୍ୟ ରହିଛି। ସୂଚନାଥାଉକି, ମୟୂରଭଞ୍ଜରେ ୨୬ ବ୍ଲକ୍‌ରେ ୧୨୮୧ରୁ ଉର୍ଦ୍ଧ୍ୱ ରୋଷେୟା ଓ ସେବାୟତମାନେ ଆଶ୍ରମ ବିଦ୍ୟାଳୟ ମାନଙ୍କରେ କାର୍ଯ୍ୟ କରିଆସୁଛନ୍ତି। ରୋଷେଇ କାର୍ଯ୍ୟ ସହିତ ଅଫିସ କାର୍ଯ୍ୟ, ଗେଟ ଜଗୁଆଳି, ଆଶ୍ରମ ପରିସରର ସଫାସୁତୁରା ରଖିବା, ପିଲାଙ୍କ ଦେହ ଖରାପ ହେଲେ ଡାକ୍ତରଖାନା ନେବା ସହିତ ବିଭିନ୍ନ କାର୍ଯ୍ୟ କରୁଛନ୍ତି। ତେବେ ସରକାରୀ ଛୁଟି, ପୂଜା ପାର୍ବଣ, ସ୍ୱାସ୍ଥ୍ୟଗତ ସମସ୍ୟା ହେଲେ ମଧ ଛୁଟି ପାଆନ୍ତି ନାହିଁ। ପିଲାମାନଙ୍କ ବିଛଣାରେ ଶୁଅନ୍ତି। ସଂଘର ଜିଲା ସଭାପତି ଶ୍ୟାମ ସୁନ୍ଦର ସିଂଙ୍କ ନେତୃତ୍ୱରେ ସମ୍ପାଦକ ଲାଲମୋହନ ମାଝୀ, କୋଷାଧକ୍ଷ ରାଇମଣି ମୁର୍ମୁ, ବିରସିଂ ବାର୍ଦ୍ଧା, ମିନା ଟୁଡୁ, ରାମ ମାର୍ଣ୍ଡି, ରଞ୍ଜିତା ମୁର୍ମୁ, ଦେଉଗି ମାର୍ଣ୍ଡି, ସାବିତ୍ରୀ କିସ୍କୁ, ଜବା ଟୁଡୁ, ସୀତା ହେମ୍ବ୍ରମ, ସିମନ ହେମ୍ବ୍ରମ, ଭୋଲା ଟୁଡୁ, ସୁକାନ୍ତି ହେମ୍ବ୍ରମ, ବୃନ୍ଦାବତୀ ନାଏକ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

## 'ବିଦ୍ୟାଳୟକୁ ହଁ, ବାଲ୍ୟବିବାହକୁ ନା'

ବଡ଼ସାହି, ୧୩।୮ (ସମ୍ବିତ କୁମାର ରାଉତ)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକର ବାଲିଯୋଡ଼ାସ୍ଥିତ ଜଗବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମେଳନ କକ୍ଷ ପରିସରରେ ଚଳିତ ଶିକ୍ଷାବର୍ଷର ଦ୍ୱିତୀୟ ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା ଉନ୍ନୟନ କମିଟିର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ପାର୍ବତୀ ମୁର୍ମୁଙ୍କ ସଭାପତିତ୍ୱରେ ଶିକ୍ଷକ ଦୀପକ ରାମ ଉପସ୍ଥିତ ସମସ୍ତଙ୍କ ପରିଚୟ ପ୍ରଦାନ କରିଥିଲେ। ଏକାଡେମିକ କ୍ୟାଲେଣ୍ଡର, ବିଦ୍ୟାଳୟସ୍ତରୀୟ ବିଭିନ୍ନ ଆକ୍ଟିଭିଟି, ବାଲ୍ୟବିବାହ ସମ୍ବନ୍ଧିତ ଆଇନ, କଟକଣା ବିଷୟବସ୍ତୁ ଓ ଛାତ୍ରୀଛାତ୍ରଙ୍କୁ ପ୍ରତିଦିନ ବିଦ୍ୟାଳୟ ପଠାଇବା ପାଇଁ ଅଭିଭାବକମାନଙ୍କ ସଂକଳ୍ପ, ଉତ୍କର୍ଷ ପାଠ୍ୟକ୍ରମ ଆଦି ଉପରେ ଆଲୋଚନା ହୋଇଥିଲା। ଶେଷରେ ଶିକ୍ଷକ ପାର୍ଥସାରଥୀ ଜେନା ବାଲ୍ୟବିବାହ ସମ୍ବନ୍ଧିତ ବାର୍ତ୍ତା 'ବିଦ୍ୟାଳୟକୁ ହଁ, ବାଲ୍ୟବିବାହକୁ ନା' ଉପସ୍ଥିତ ସମସ୍ତଙ୍କୁ ଶପଥପାଠ କରାଇଥିଲେ। ଶିକ୍ଷୟିତ୍ରୀ ତପସ୍ୱିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସେପ୍ଟେମ୍ବର ୨୪ରେ ନିର୍ବାଚନ

କେନ୍ଦୁଝର,୧୩।୮(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

### କେନ୍ଦୁଝର ଟ୍ରକ୍ ମାଲିକ ସଂଘ

କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ ତାରିଖ ଘୋଷଣା ହୋଇଛି। ଫଳରେ ଟ୍ରକ୍ ମାଲିକମାନଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଥିବା ବେଳେ ଆଶାୟୀମାନଙ୍କ ଚିନ୍ତା ବଢ଼ିଯାଇଛି। ଦୀର୍ଘ ମାସ ହେଲା ଏକ ଗୋଷ୍ଠୀ ନିର୍ବାଚନ କରାଇ ଦେଉ ନ ଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ଏ ନେଇ ଆନ୍ଦୋଳନ କରିବା ସହ ନ୍ୟାୟ ପାଇଁ କୋର୍ଟ କଚେରୀ ଧାଇଁ ନୟାନ୍ତ ହୋଇପଡ଼ିଥିଲେ। ଶେଷରେ କୋର୍ଟଙ୍କ ଆଦେଶକ୍ରମେ ସେପ୍ଟେମ୍ବର ୨୪ରେ ନିର୍ବାଚନ ହେବାକୁ ଘୋଷଣା ହୋଇଛି।

ସୂଚନା ଅନୁଯାୟୀ, ପୂର୍ଣ୍ଣାଙ୍ଗ ମତଦାତା ସଭ୍ୟ ତାଲିକା ପ୍ରକାଶନ ଅଗଷ୍ଟ ୧୬ ତାରିଖରେ ହେବ। ମନୋନୟନ ପତ୍ର ବିକ୍ରୟ ଅଗଷ୍ଟ ୧୭ରୁ ୨୦ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୩ ଘଟିକା, ମନୋନୟନ ପତ୍ର ଦାଖଲ ଅଗଷ୍ଟ ୧୭ ରୁ ୨୨ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଛି। ମନୋନୟନ ପତ୍ର ପ୍ରକାଶନ ଅଗଷ୍ଟ ୨୩ ତାରିଖ ଅପରାହ୍ନ ୧ ଘଟିକା ପରେ, ମନୋନୟନ ପତ୍ର ଯାଞ୍ଚ ଓ ଅଭିଯୋଗ ଶୁଣାଣି ଅଗଷ୍ଟ ୨୭ ଓ ୨୮ ତାରିଖ ପ୍ରତ୍ୟେକ ଦିନ ସନ୍ଧ୍ୟା ୬ ଘଟିକା ପରେ, ଠିକ୍ ମନୋନୟନ ପତ୍ର ପ୍ରକାଶନ ୨୯ ଅପରାହ୍ନ ୧ ଘଟିକା ପରେ, ମନୋନୟନ ପତ୍ର ପ୍ରତ୍ୟାହାର ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୧ ତାରିଖ ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୦ ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ, ଚୂଡ଼ାନ୍ତ ମନୋନୟନ ପତ୍ର ପ୍ରକାଶନ ସେପ୍ଟେମ୍ବର ୩ ତାରିଖ ପୂର୍ବାହ୍ନ ୧୦ ଘଟିକା ପରେ ପ୍ରକାଶ ପାଇବ। ସେପ୍ଟେମ୍ବର ୨୪ ରବିବାର ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଭୋଟ ଗ୍ରହଣ। କେନ୍ଦୁଝର, ଚମ୍ପୁଆ, ଢେଙ୍କିକୋଟ ଓ ଘଟଗାଁ ଜୋନ ସଦସ୍ୟା, ସଦସ୍ୟମାନଙ୍କ ପାଇଁ ଜେଲରୋଡ୍‌ସ୍ଥିତ କେନ୍ଦୁଝରଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ କେବଳ ଘସିପୁରା, ରାମଚନ୍ଦ୍ରପୁର ଓ ହାଟଡ଼ିହୀ ଜୋନ୍ ସଦସ୍ୟା, ସଦସ୍ୟମାନଙ୍କ ପାଇଁ ଘଷିପୁରା ବ୍ଲକର ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲ, ଗୋହିରାଠାରେ ଭୋଟ ଗ୍ରହଣ କେନ୍ଦ୍ର କରାଯାଇଛି। ଭୋଟ ଗଣତି ଓ ଫଳାଫଳ ଘୋଷଣା ସେପ୍ଟେମ୍ବର ୨୫ ସୋମବାର ପୂର୍ବାହ୍ନ ୮ ଘଟିକାଠାରୁ ଶେଷ ହେବା ପର୍ଯ୍ୟନ୍ତ କେନ୍ଦୁଝର ପାର୍କଲାଇନ୍‌ସ୍ଥିତ ମ୍ୟୁନିସିପାଲିଟି କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହେବ ବୋଲି ଉପଦେଷ୍ଟା ଓ ନିର୍ବାଚନ ପରିଚାଳନା ମଣ୍ଡଳୀ କୈଳାସ ଚନ୍ଦ୍ର ପଣ୍ଡା ଓ ଗୋପାଳ କୃଷ୍ଣ ପରିଡ଼ା ସୂଚନା ଦେଇଛନ୍ତି। ଶୃଙ୍ଖଳିତ ଭୋଟ ଦାନ ଓ ନିଃସନ୍ଦେହ ପରିଚୟ ଏକ ସାମାଜିକ ଦାୟିତ୍ୱ ହୋଇଥିବାରୁ ଭୋଟଦାନ ପୂର୍ବରୁ ନିଜର ପରିଚୟ ପ୍ରତିଷ୍ଠା ପାଇଁ ନିର୍ବାଚନ ଅଧିକାରୀଙ୍କ ନିକଟରେ ଭୋଟ ପରିଚୟ ପତ୍ର, ଆଧାର କାର୍ଡ, ପାନ କାର୍ଡ, ପାସ ପୋର୍ଟ, ଡ୍ରାଇଭିଂ ଲାଇସେନ୍ସ ବା ବ୍ୟାଙ୍କ ଖାତା ପ୍ରଦର୍ଶନ ବାଧ୍ୟତାମୂଳକ ଅଟେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ବିଭୁତି ଭୂଷଣ ପ୍ରଧାନ ସୂଚନା ଦେଇଛନ୍ତି।

## ସ୍ୱାମୀଙ୍କ ଛୁରା ମାଡ଼ରେ ସ୍ତ୍ରୀ ଗୁରୁତର

**କେନ୍ଦୁଝର, (ନରେଶ ଚନ୍ଦ୍ର ପଟ୍ଟନାୟକ):** କେନ୍ଦୁଝରଗଡ଼ ପୌରପାଳିକା ଜନଷ୍ଟନଗଞ୍ଜର ଝଡ଼ାସାହିରେ ସ୍ୱାମୀ ଘନଶ୍ୟାମ ଝରାଙ୍କ ଛୁରା ମାଡ଼ରେ ସ୍ତ୍ରୀ ଗୀତା ଝରା(୨୫) ଗୁରୁତର ହୋଇଛନ୍ତି। ଗୀତା ରବିବାର ମଦ୍ୟପାନ କରୁଥିବାବେଳେ ଘନଶ୍ୟାମ ଦେଖି ଏକ ଛୁରାରେ ପିଠିକୁ ଆକ୍ରମଣ କରିଥିଲେ। ଗୀତା ରକ୍ତ ଜୁବୁବୁବୁ ହୋଇ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଡାକ୍ତର କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରିଛନ୍ତି। ଗ୍ରାମବାସୀ ଘନଶ୍ୟାମଙ୍କୁ ବାନ୍ଧି ଟାଉନ୍ ପୋଲିସ ଜିମା ଦେଇଥିଲେ।

## ସଂକ୍ଷେପରେ

### ହାଇଦ୍ରାବାଦରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

ଜଳେଶ୍ୱର, ୧୩।୮ (ରବିନାରାୟଣ ପାତ୍ର): ପରିବାର ପ୍ରତିପୋଷଣ ପାଇଁ ହାଇଦ୍ରାବାଦରେ କାମ କରୁଥିବା ଜଣେ ଓଡ଼ିଆ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ସୁଗୋ ପଞ୍ଚାୟତ ବାଣିଦା ଗାଁର ଶିବଶଙ୍କର ପାତ୍ରଙ୍କ ବଡ଼ପୁଅ ଜୟଦେବ(୨୪)। ୩ବର୍ଷ ତଳେ ସେ ହାଇଦ୍ରାବାଦ ଯାଇ ଏକ ଘରୋଇ କମ୍ପାନୀରେ ମେଶିନ ଚାଳକ ଭାବେ କାର୍ଯ୍ୟ କରୁଥିଲେ। ୨୫ ଦିନ ପୂର୍ବେ କାରଖାନାର ଏକ ଅଂଶ ଫାଟିଯିବାରୁ ପ୍ରାୟ ୮ଜଣ ଶ୍ରମିକ ଆହତ ହୋଇଥିବା ବେଳେ ୪ଜଣଙ୍କ ମୃତ୍ୟୁ ହୋଇଥିଲା। ତେବେ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜୟଦେବଙ୍କ ଶନିବାର ରାତିରେ ମୃତ୍ୟୁ ହୋଇଥିବା ତାଙ୍କ ପରିବାର ଲୋକେ କହିଛନ୍ତି। ରବିବାର ଗାଁରେ ଏକ ଶ୍ରଦ୍ଧାସୁମନ ସଭା ଅନୁଷ୍ଠିତ ହୋଇଥିଲା। ସିଆଇଟିୟୁ ଶ୍ରମିକ ସଂଗଠନର ସମ୍ପାଦକ ପଲ୍ଟୁ ଦାସ ଓ ସଭାପତି ଦିପ୍ତିମାନ ଆଚାର୍ଯ୍ୟ, ସମନ୍ୱୟ କମିଟି ସଭାପତି ଦିଲୀପ ଗିରି ଶୋକପ୍ରକାଶ କରି ମୃତ ଯୁବକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇବାକୁ ଦାବି କରିଛନ୍ତି।

### ବୋଟ୍‌ରୁ ଖସି ମତ୍ସ୍ୟଜୀବୀ ନିଖୋଜ

ଚାନ୍ଦବାଲି, ୧୩।୮ (କିଶାନ ପାତ୍ର)- ଭଦ୍ରକ ଜିଲା ଧାମରା ମାଛଧରା ବନ୍ଦରରେ ମତ୍ସ୍ୟଜୀବୀ ବିଜୟ ନାୟକ(୨୫) ବୋଟ୍‌ରୁ ଖସି ନିଖୋଜ ହୋଇଯାଇଛନ୍ତି। ଧାମରା ମେରାଇନ ଥାନାଧିକାରୀ ତୁଶୀଲ ମାଝୀଙ୍କ ସୂଚନା ଅନୁଯାୟୀ, ଯାଜ୍ଞସେନୀ ନାମକ ଏକ ବୋଟ୍ ଧାମରାଠାରେ ଲଙ୍ଗର ପକାଇ ରହିଥିଲା। ରବିବାର ଅପରାହ୍ନରେ ବିଜୟ ବୋଟ୍‌ରୁ ଓହ୍ଲାଉଥିବା ସମୟରେ ତାଙ୍କ ଗୋଡ଼ ଖସିଯିବାରୁ ନଦୀମଧ୍ୟକୁ ଖସି ପଡ଼ିଥିଲେ। ପୋଲିସ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇପାରି ନାହିଁ। ନିଖୋଜ ବିଜୟଙ୍କ ଘର କରଣପଲ୍ଲୀ ପଞ୍ଚାୟତର କୁଆମରା ଗାଁର ବୋଲି ଜଣାପଡ଼ିଛି।

### ଜେଏମ୍ଏମ୍‌ର ନୂତନ ବ୍ଲକ୍ କମିଟି ଗଠିତ

ବାଙ୍ଗିରିପୋଷି, ୧୩।୮ (ସଞ୍ଜୟ କୁମାର ଅଗ୍ରୱାଲ): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷିସ୍ଥିତ ଷ୍ଟେଶନ ବଜାର ସାଇ କଲ୍ୟାଣ ମଣ୍ଡପଠାରେ ଜେଏମ୍ଏମ୍ ରାଜ୍ୟ ସଭାପତି ଅଳି ସୋରେନଙ୍କ ନିର୍ଦ୍ଦେଶ କ୍ରମେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମ୍ଏମ୍)ର ଜିଲା ସମ୍ପାଦକ ପୃଥୁରାଜ ହାଁସଦାଃଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବରିଷ୍ଠ କର୍ମୀ କଙ୍କାରାମ ମାଝୀ, କାଳିଚରଣ ମୁର୍ମୁ, ବିଷ୍ଣୁ ସିଂ, ଗାଜନା ମୁର୍ମୁ, ଫକିରମୋହନ ମହାନ୍ତ, ବନସିଂ ମାର୍ଣ୍ଡିଙ୍କ ସମେତ ବହୁ ଜେଏମଏମକର୍ମୀଙ୍କ ଉପସ୍ଥିତିରେ ବ୍ଲକ୍ ସଭାପତି ଭାବରେ ଶ୍ୟାମସୁନ୍ଦର ମୁର୍ମୁ, ସମ୍ପାଦକ ଚୈତନ୍ୟ ପ୍ରସାଦ ମାର୍ଣ୍ଡି, ଉପସଭାପତି ଭାବେ ମଧୁସୂଦନ ଟୁଡୁ, ଉପସମ୍ପାଦକ ଭାବେ ଶ୍ୟାମୁରାମ ମୁର୍ମୁ, ସହ ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତଙ୍କୁ ମନୋନୀତ କରାଯାଇଥିଲା। ଆଗାମୀ ୨୦୨୪ରେ ହେବାକୁ ଥିବା ବିଧାନସଭା ଓ ଲୋକସଭା ନିର୍ବାଚନରେ ଦଳକୁ କିପରି ମଜବୁତ କରାଯିବା ସେଥିପ୍ରତି ଉପସ୍ଥିତ କର୍ମୀମାନଙ୍କ ସହିତ ଆଲୋଚନା କରାଯାଇଥିଲା।

# ନାଲି ଚାଉଳ ବଣ୍ଟନକୁ ନେଇ ହୋହଲ୍ଲା

## ପଞ୍ଚାୟତ ଗୋଦାମକୁ ଘେରିଲେ ହିତାଧିକାରୀ

ତିହିଡ଼ି, ୧୩।୮ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ପାଳିଆବିନ୍ଧା ପଞ୍ଚାୟତରେ ରାଶନ କାର୍ଡ ହିତାଧିକାରୀମାନଙ୍କୁ ୩ ମାସ ପରିବର୍ତ୍ତେ ୨ମାସର ଏବଂ ନାଲି ଚାଉଳ ବଣ୍ଟନକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ରବିବାର ସକାଳେ ହିତାଧିକାରୀମାନେ ପଞ୍ଚାୟତ ଗୋଦାମକୁ ଘେରାଉ କରିଥିଲେ।

ପ୍ରକାଶ ଯେ, ଏହି ପଞ୍ଚାୟତରେ ୧୬ଟି ୱାର୍ଡର ହିତାଧିକାରୀଙ୍କୁ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଙ୍କ ଦାୟିତ୍ୱରେ ଚାଉଳ ବଣ୍ଟନ କରାଯାଉଛି। ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବର ମାସ ପାଇଁ ପଞ୍ଚାୟତ ଗୋଦାମରେ ଶନିବାର ଅପରାହ୍ନଠାରୁ ଚାଉଳ ବଣ୍ଟନ ଆରମ୍ଭ ହୋଇଥିଲା। ରବିବାର ସକାଳେ ହିତାଧିକାରୀମାନେ ଚାଉଳ ଆଣିବାକୁ ଯିବା ପରେ ସେମାନଙ୍କୁ ୩ ମାସ ପରିବର୍ତ୍ତେ ୨ମାସର ପୁଣି ନାଲି ରଙ୍ଗର ଚାଉଳ ଦିଆଯାଇଥିଲା। ୩ ମାସର ଟୋକନ କଟାଯାଇଥିଲେ ବି ୨ମାସର ଚାଉଳ ଦିଆଯିବାରୁ ହିତାଧିକାରୀମାନେ ଅସନ୍ତୋଷ ପ୍ରକାଶ କରି ହୋହଲ୍ଲା କରିଥିଲେ। ସଞ୍ଜୟ ଦଳେଇ, ରଞ୍ଜନ ଗିରି, ସତ୍ୟଭାମା ନାୟକ, ମିଲି ଦାସ, ଶାନ୍ତିଲତା ନାୟକ, ମିନତି ଦାସ, ରଶ୍ମିରଞ୍ଜନ ରାଉତ, ନିରଞ୍ଜନ ନାୟକ, କୈଳାସ ପାଳ, ଅଜୟ ପଣ୍ଡା ପ୍ରମୁଖ ହିତାଧିକାରୀ ଗୋଦାମ ଘେରାଉ କରିଥିଲେ। ପରେ ସେମାନଙ୍କୁ ୩ମାସର ଭଲ ଚାଉଳ ବଣ୍ଟନ କରାଯାଇଥିବା ଜଣାଯାଇଛି।


ଗୋଦାମ ଆଗରେ ହିତାଧିକାରୀମାନେ।

ଏ ସମ୍ପର୍କରେ ପିଇଓ ମନୋରଞ୍ଜନ ଦଳେଇ କହିଛନ୍ତି, ଏଥର କୋଟାରେ ଆବଶ୍ୟକତାଠାରୁ ୨୪୮ କୁଇଣ୍ଟାଲ କମ୍ ଚାଉଳ ମିଳିଛି। ପଞ୍ଚାୟତରେ ଚାଉଳ ଷ୍ଟକ ଥିବା ମେଶିନଗତ ତ୍ରୁଟି ଯୋଗୁ ଦର୍ଶାଉଥିଲେ ମଧ୍ୟ ବାସ୍ତବରେ ଚାଉଳ ନ ଥିବାରୁ ଏପରି ସମସ୍ୟା ଉପୁଜିଛି। ତେବେ ମିଲ୍‌ରେ ଠିକ୍ ଭାବେ ସଫା ହୋଇ ନ ଥିବାରୁ ଚାଉଳ ଏଭଳି ଦେଖାଯାଉଛି। କିନ୍ତୁ ତାହା ଖରାପ ଚାଉଳନୁହେଁ। ସରପଞ୍ଚ ଯଶୋଦା ମଲ୍ଲିକ କହିଥିଲେ, ସେ ପଞ୍ଚାୟତର ଦାୟିତ୍ୱ ନେବାବେଳେ ୪୨୫ କୁଇଣ୍ଟାଲ ଚାଉଳ କମ୍ ଥିଲା। ସେ ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ, ବ୍ଲକ ଯୋଗାଣ ନିରୀକ୍ଷକ ପ୍ରମୁଖଙ୍କୁ ଜଣାଇଥିଲେ। ସେବେଠାରୁ ଏଭଳି ସମସ୍ୟା ଲାଗି ରହିଛି। ମାତ୍ର ଅଭାବ ପୂରଣ ହୋଇ ନ ଥିବାରୁ ଆଜି ଏଭଳି ସ୍ଥିତି ସୃଷ୍ଟି ହୋଇଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com


@ପ୍ରସନ୍ନ


@ଦୁର୍ଯ୍ୟୋଧନ

ସେଲ୍‌ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ସାରିଆ ପାହାଡ଼ର ବିଭିନ୍ନ ସ୍ଥାନରେ ନିଆଁ


ସାରିଆ ପାହାଡ଼ରେ ଲାଗିଥିବା ନିଆଁ।

## ପୋଡୁଚାଷ ପାଇଁ ଲଗାଯାଉଥିବା ସନ୍ଦେହ

କେନ୍ଦୁଝର, ୧୩।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ବାରହାଗଡ଼ ପଞ୍ଚାୟତ ହାତୀଶିଳା ଗ୍ରାମ ନିକଟସ୍ଥ ସାରିଆ ପାହାଡ଼ର ଅନେକ ସ୍ଥାନରେ ନିଆଁ ଲାଗିଛି। ଏବେ ବର୍ଷା ହେଉଥିଲେ ହେଁ ପାହାଡ଼ ଜଳୁଥିବାରୁ ଜଙ୍ଗଲ ନଷ୍ଟ ହେବା ସହ ବନ୍ୟପ୍ରାଣୀଙ୍କ ପ୍ରତି ବିପଦ ଦେଖାଯାଇଛି। ନିଆଁ ବ୍ୟାପୁଥିଲେ ହେଁ ବନ ବିଭାଗ ପକ୍ଷରୁ ଲିଭାଇବା ବ୍ୟବସ୍ଥା କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ଉକ୍ତ ଅଞ୍ଚଳକୁ ବନ ବିଭାଗ କର୍ମଚାରୀ ଗସ୍ତ କରୁ ନ ଥିବାରୁ ସ୍ଥାନୀୟ ଲୋକେ ପୋଡୁଚାଷ ପାଇଁ ତଳିଆ କାଟି ଚାଷ ଉପଯୋଗୀ କରୁଥିବା ଜଣାପଡ଼ିଛି। ସଚେତନତା ଅଭାବ ସାଙ୍ଗକୁ ବଞ୍ଚିବାର ବିକଳ୍ପ ସାଧନ ନ ଥିବାରୁ ଏଭଳି ଜଙ୍ଗଲ କାଟି ଚାଷ କରୁଛନ୍ତି। ବାଂଶପାଳ, ତେଲକୋଇ ସମେତ ଅନ୍ୟାନ୍ୟ ଅଞ୍ଚଳରେ ଏଭଳି ପୋଡୁଚାଷ ହେଉଛି। ଏହାକୁ ରୋକାଯାଇପାରୁ ନ ଥିବାରୁ ଜଙ୍ଗଲ ଓ ପରିବେଶ ବହୁମାତ୍ରାରେ କ୍ଷତିଗ୍ରସ୍ତ ହେଉଛି। ବନ୍ୟପ୍ରାଣୀ କ୍ଷତିଗ୍ରସ୍ତ ହେଉଥିବା ସାମାଜିକ କର୍ମୀ ଉଜ୍ଜ୍ୱଳ କୁମାର ସାହୁ କହିଛନ୍ତି। ଜୁଆଙ୍ଗମାନେ ଆଦିମ କାଳରୁ ଉକ୍ତ ପାହାଡ଼ଘେରା ଅଞ୍ଚଳରେ ଜନବସତି କରି ରହୁଛନ୍ତି। ପ୍ରତ୍ୟେକ ବର୍ଷ ତଳିଆ କାଟି ସେସବୁ ପୋଡ଼ି ମକା, ବିରି ଆଦି ଡାଲିଜାତୀୟ ଚାଷ କରିଥାନ୍ତି। ସମତଳ ଅଞ୍ଚଳରେ ଧାନ ଓ ଅନ୍ୟାନ୍ୟ ଚାଷ କରନ୍ତି। ବିଭିନ୍ନ ସରକାରୀ ଯୋଜନା ସେମାନଙ୍କ ନିକଟରେ ପହଞ୍ଚୁ ନ ଥିବାରୁ ଏଭଳି ବ୍ୟବସ୍ଥାକୁ ଛାଡ଼ିପାରୁନାହାନ୍ତି ବୋଲି ପରିବେଶବିତ୍ ଡ. ବିଦ୍ୟାଧର ବେହେରା କହିଛନ୍ତି। ସଦର ରେଞ୍ଜ ଅଧିକାରୀ ବିଜୟ କୁମାର ମହାନ୍ତ କହିଛନ୍ତି, ଘଟଣାର ଅନୁଧାନ ପାଇଁ ସ୍ଥାନୀୟ ଫରେଷ୍ଟରଙ୍କୁ ସୂଚନା ଦିଆଯିବ।

## ୩ ଅସହାୟ ଶିଶୁ ଉଦ୍ଧାର

କେନ୍ଦୁଝର, ୧୩।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାମେବାରୀ ଥାନା ଅଧୀନ ଜୁରୁଡ଼ି ପେଣ୍ଡେଇ ବସ୍ତିର ୩ ଅସହାୟ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିଛି। ସେମାନଙ୍କୁ କେନ୍ଦୁଝର ସହର ବଣିଆପାଟସ୍ଥିତ ଓପନ ସେଲଟରରେ ରଖାଯାଇଛି। ଉଦ୍ଧାର ଶିଶୁଙ୍କ ମଧ୍ୟରେ ଜଣେ ୭ ବର୍ଷ, ଜଣେ ୧ ବର୍ଷର ପୁଅ ଏବଂ ୬ ବର୍ଷୀୟ ଝିଅ ରହିଛନ୍ତି। ପ୍ରକାଶ ଯେ, ଦୂର୍ଯ୍ୟୋଧନ ପାତ୍ରଙ୍କ ପ୍ରଥମ ସ୍ତ୍ରୀଙ୍କ ଦେହାନ୍ତ ୨୦୨୦ ଫେବୃୟାରୀରେ ହୋଇଥିଲା। ପରେ ସେ ଦ୍ୱିତୀୟ ବିବାହ କରିଥିଲେ। ତାଙ୍କର ତିନି ସନ୍ତାନ ସହିତ ସେମାନେ ଜୁରୁଡ଼ି ପେଣ୍ଡେଇ ସାହି ବସ୍ତିରେ ରହୁଥିଲେ। ଘରୋଇ କଳହକୁ ନେଇ ଗତ ୧୧ ତାରିଖ ଦିନ ଦୂର୍ଯ୍ୟୋଧନ ଏକ ଧାରୁଆ ଅସ୍ତ୍ରରେ ମାଳତୀ ପେଣ୍ଡେଇକୁ ହତ୍ୟା କରିଥିଲେ। ଘଟଣା ପରେ ପୋଲିସ ମାମଲା (ନଂ ୧୩୪/୨୦୨୩ )ରେ ଦୁର୍ଯ୍ୟୋଧନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଫଳରେ ଘରେ ଥିବା ୩ ଭଉଣୀଭାଇ ଅସହାୟ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ସେମାନଙ୍କୁ ଉଦ୍ଧାର କରିଥିଲା। ୬ ବର୍ଷରୁ ଊର୍ଦ୍ଧ୍ୱ ନାବାଳିକାକୁ ଚାଇଲ୍ଡ କେୟାର ୟୁନିଟ୍ ଓ ୬ ବର୍ଷରୁ କମ ଅନ୍ୟ ଦୁଇ ଭଉଣୀଭାଇଙ୍କୁ ମନୋଜ ମଞ୍ଜରୀ ଶିଶୁ ଭବନରେ ରଖି ସେମାନଙ୍କ ଯତ୍ନ ଓ ପଢ଼ା ବ୍ୟବସ୍ଥା କରାଯିବ ବୋଲି ଜଣାପଡ଼ିଛି।

## ୫-ଟି ସ୍କୁଲ ପରିଦର୍ଶନ କଲେ ବିଧାୟକ


ବ୍ରାହ୍ମଣଗାଁ ନୋଡାଲ ହାଇସ୍କୁଲ ପରିସରରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଅନ୍ୟମାନେ।

ବାସୁଦେବପୁର, ୧୩।୮ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ରବିବାର ୫-ଟି ଅନ୍ତର୍ଭୁକ୍ତ ବ୍ରାହ୍ମଣଗାଁ ନୋଡାଲ ହାଇସ୍କୁଲ ପରିଦର୍ଶନରେ କରି ଉନ୍ନତୀମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବିଦ୍ୟାଳୟରେ ଥିବା ଅନ୍ୟ କେତେକ ସମସ୍ୟା ସମାଧାନ ଦିଗରେ ପ୍ରାଥମିକତା ଦିଆଯିବ ବୋଲି ବିଧାୟକ କହିଥିଲେ। ପରେ ବିଦ୍ୟାଳୟ ପରିସରରେ ସ୍କୁଲ କର୍ତ୍ତୃପକ୍ଷ, ଅଭିଭାବକ, ଗ୍ରାମବାସୀ ଓ ଶିକ୍ଷା କମିଟି ସଦସ୍ୟମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ପୂର୍ବତନ ସରପଞ୍ଚ ଦୀନବନ୍ଧୁ ଦାସ, ବ୍ରାହ୍ମଣଗାଁର ପୂର୍ବତନ ସରପଞ୍ଚ ହରିହର ଶିଅଳ, ଶିକ୍ଷାବିତ୍ ପ୍ରଭାତ କୁମାର ରାଉତ, ପ୍ରଧାନ ଶିକ୍ଷକ ରତ୍ନାକର ମହାଳିକ, ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆବାସ ଯୋଜନାରେ ପିସି କାରବାରକୁ ବିରୋଧ

## ୧୮ରେ କଂଗ୍ରେସର ବ୍ଲକ ଘେରାଉ

ରୂପସା, ୧୩।୮ (ବାଞ୍ଛାନିଧି ଦେ)

ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନ କ୍ରମେ ଆସନ୍ତା ୧୮ ତାରିଖରେ ସମଗ୍ର ରାଜ୍ୟର ସମସ୍ତ ବ୍ଲକ୍ କାର୍ଯ୍ୟାଳୟକୁ ଘେରାଉ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହାକୁ ସଫଳ କରିବା ପାଇଁ ବାଲେଶ୍ୱର ଜିଲା କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ବସ୍ତା ବ୍ଲକ କଂଗ୍ରେସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ସଞ୍ଜୀବ ଗିରିଙ୍କ ତତ୍ତ୍ୱାବଧାନରେ ବସ୍ତାସ୍ଥିତ ଗୁପ୍ତା ଭବନ ପରିସରରେ ଆୟୋଜିତ ବୈଠକରେ ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା ସଭାପତିତ୍ୱ କରିଥିଲେ। ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନା ଏହାକୁ ପରିଚାଳନା କରିଥିଲେ। ବସ୍ତା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ବିଜନ କୁମାର ନାୟକ ଯୋଗଦେଇ ବ୍ଲକ କାର୍ଯ୍ୟାଳୟରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ଓ ପିସି କାରବାର ସମ୍ପୂର୍ଣ୍ଣ ବନ୍ଦ ଦାବିରେ ଆସନ୍ତା ୧୮ ତାରିଖରେ ଦଳ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ ସହ ବ୍ୟାପକ ଆନ୍ଦୋଳନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ନବ ନିର୍ବାଚିତ ବସ୍ତା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଦ୍ୟୁତିକୃଷ୍ଣ ଦାସ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ କମିଟିର ଉପ-ସଭାପତି ଡ. ନଗେନ୍ଦ୍ର କୁମାର ସିଂ, ମନୋଜ କୁମାର ମହାନ୍ତି, ଜିଲା କଂଗ୍ରେସ କିଶାନ ସଭାପତି ଜୟନ୍ତ କୁମାର ମହାପାତ୍ର, ଜିଲା ମହିଳା କଂଗ୍ରେସ ଉପ-ସଭାପତି ଅଞ୍ଜଳି ପ୍ରଧାନ, କଂଗ୍ରେସ ସମ୍ପାଦକ ରବୀନ୍ଦ୍ର ଭଞ୍ଜଙ୍କ ସମେତ ପୂର୍ବତନ ସରପଞ୍ଚ ଅନୀଲ କୁମାର ମହାପାତ୍ର, ଯୁବ ନେତା ଜଗଦୀଶ ସାହୁ, ସଦାନନ୍ଦପୁର ସଭାପତି କମଳଲୋଚନ ଜେନା, ବ୍ଲକ କଂଗ୍ରେସ ଉପ-ସଭାପତି ନରେନ୍ଦ୍ର ଦାସ, ସମ୍ପାଦକ କାର୍ତ୍ତିକ ସାହୁ, ଗଡ଼ପଦା ସଭାପତି ଚକ୍ରଧର ମହାନ୍ତି, ରାଉତପଡ଼ା ସଭାପତି ପ୍ରଦୀପ ଦେ, ବସ୍ତା ନିର୍ବାଚନ ମଣ୍ଡଳୀ ଛାତ୍ର କଂଗ୍ରେସ ସଭାପତି ଅବିନାଶ ନାୟକ, ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଛାତ୍ର କଂଗ୍ରେସ ସଭାପତି ଜଗନ୍ନାଥ ମହାପାତ୍ର, ବସ୍ତା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ଉପ-ସଭାପତି ସେକ କବିରୁଦ୍ଦିନ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

## ସର୍ବୋଦୟ ମଣ୍ଡଳ ନେତାଙ୍କ ସ୍ମୃତିଚାରଣ



ଭଣ୍ଡାରିପୋଖରୀ, ୧୩।୮ (ରବିନାରାୟଣ ଖିଲାର)

ଉତ୍କଳ ସର୍ବୋଦୟ ମଣ୍ଡଳର ନେତା ତଥା ପୂର୍ବତନ ସମ୍ପାଦକ ସ୍ୱର୍ଗତ ଶିବ ପ୍ରସାଦ ଜେନାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଏକ ସ୍ମୃତିସଭା ନପଙ୍ଗ ପଞ୍ଚାୟତର ବଡ଼ ନପଙ୍ଗ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରିତିକାନ୍ତ ରାଉତ ସଭାପତିତ୍ୱ କରିଥିଲେ। ଗାନ୍ଧୀ ଓଡ଼ିଶା ବାଳାଶ୍ରମର ସମ୍ପାଦକ ଅଶୋକ ଦାସ, ଉତ୍କଳ ସର୍ବୋଦୟ ମଣ୍ଡଳ ସଭାପତି କୈଳାସ ଚନ୍ଦ୍ର ସାହୁ, ଅଧ୍ୟାପିକା ଝରଣା ପଟ୍ଟନାୟକ, ଦେବେନ୍ଦ୍ର ପରିଡ଼ା, ମଳୟ ତ୍ରିପାଠୀ, ରମାକାନ୍ତ ମଣ୍ଡଳ, ଇନ୍ଦୁମତି ସାହୁ, ଗୋଲକ ପ୍ରସାଦ ମହାନ୍ତି, ନୃସିଂହ ଚରଣ ସାମଲ, ରାଜେନ୍ଦ୍ର ପ୍ରସାଦ ମହାନ୍ତି, ଅମର କୁମାର ପାଣଗ୍ରାହୀ, ନିମାଇଁ ରାୟ, ଆନନ୍ଦ ଜେନା, ପ୍ରଦୀପ ବାରିକ, ବ୍ରହ୍ମାନନ୍ଦ ନାୟକ, ଗୋପୀନାଥ ମହାନ୍ତି, ବିନୋଦ ବିହାରୀ ମହାପାତ୍ର, ଖବରଦାତା ରାଜେନ୍ଦ୍ର ଶତପଥୀ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ସ୍ୱର୍ଗତ ଜେନାଙ୍କ ପୁତ୍ର କରୁଣାକର ଜେନା, ରତ୍ନାକର ଜେନା, କୃଷ୍ଣଚନ୍ଦ୍ର ଜେନା, ଦେବାନନ୍ଦ ଜେନା, ମଦନ ମୋହନ ଜେନା, ଦେବେନ୍ଦ୍ର ଜେନା, ସୁଶାନ୍ତ ଜେନା, କାମଦେବ ଜେନା ପ୍ରମୁଖ ପରିଚାଳନା କରିଥିଲେ। ବଡ଼ପୁଅ କରୁଣାକର ଧନ୍ୟବାଦ ଦେଇଥିଲେ।

# ଏମ୍‌ପିଙ୍କ ଭଙ୍ଗା କୁଡ଼ିଆରେ ଉଡ଼ିଲା ଜାତୀୟ ପତାକା

ନୀଳଗିରି, ୧୩।୮ (ପ୍ରଶାନ୍ତ ବିଶ୍ୱାଳ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ସାରା ଦେଶରେ ଆରମ୍ଭ ହୋଇଛି ହର ଘର ତ୍ରିରଙ୍ଗା ଅଭିଯାନ। ସ୍ୱାଧୀନତା ଦିବସ ନେଇ ଦାୟିତ୍ୱବାନ ନାଗରିକ ଭାବରେ ନିଜ ଘରେ ଘରେ ତ୍ରିରଙ୍ଗା ପତାକା ଉଡ଼ାଇ ସମ୍ମାନ ଦେବାକୁ ପ୍ରଧାନ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀ ନୀଳଗିରି ନିକଟ ଗୋପୀନାଥପୁରସ୍ଥିତ ତାଙ୍କ ଭଙ୍ଗା ଚାଳଛପର ଘରେ ରବିବାର ତ୍ରିରଙ୍ଗା ପତାକା ଉଡ଼ାଇଛନ୍ତି। ଏଥିରେ ତାଙ୍କର ଶୁଭେଚ୍ଛୁ ଓ ସମର୍ଥକମାନେ ଉପସ୍ଥିତ ଥିଲେ।


ଏମ୍‌ପିଙ୍କ କୁଡ଼ିଆରେ ଉଡୁଥିବା ଜାତୀୟ ପତାକା।

# ୧୦ ଦିନ ହେବ ମରାମତି ହେଉନି ପୋଲ

- ଲଗାଣ ବର୍ଷାରେ ଭାଙ୍ଗିଯାଇଥିଲା
- ସ୍କୁଲ ଯାଇପାରୁନାହାନ୍ତି ଛାତ୍ରୀଛାତ୍ର

ପାଟଣା, ୧୩।୮ (ବୀରକିଶୋର ଦାଶ):

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସରାସକୋଲା ପଞ୍ଚାୟତ ଆଦିବାସୀ ଅଧୁଷିତ ଶାଳଧର ଓ ବାଉଁଶଡ଼ିହା ଗ୍ରାମ ମଝିରେ ଥିବା ଏକ ପୋଲ ଭାଙ୍ଗିଯାଇଛି। ଫଳରେ ୫ରୁ ଊର୍ଦ୍ଧ୍ୱ ଗାଁର ଲୋକେ ଗମନାଗମନରେ ସମସ୍ୟା ଭୋଗୁଛନ୍ତି। ଏମିତିକି ଛାତ୍ରୀଛାତ୍ର ସ୍କୁଲ ଯାଇପାରୁନାହାନ୍ତି।

ସୂଚନା ଯେ, ସରାସକୋଲା ପଞ୍ଚାୟତର ଜିଆଣି ସାହି, ଶାଳଧର, ଗୁଲୁଦିପଶି ଆଦି ଗ୍ରାମର ଲୋକେ ଗିରିଧିନା, ଜାମୁପଶି, ଖମୁଆ, ମୂଷା ଖୋରି ଓ ମଲ୍ଲିପଶି ଯିବା ପାଇଁ ଉକ୍ତ ପୋଲ ଉପରେ ନିର୍ଭର କରିଥାନ୍ତି। ତେବେ ପୋଲ ଅଗଷ୍ଟ ୩ ତାରିଖରେ ଲଗାଣ ବର୍ଷାରେ ଭୁଶୁଡ଼ି ପଡ଼ି ବିପଦସଙ୍କୁଳ ଅବସ୍ଥାରେ ଝୁଲି ରହିଛି। ପୋଲ ଭାଙ୍ଗି ପଡ଼ିଥିବାରୁ ୧୧ ଦିନ ହେବ ଶାଳଧର ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଗିରିଧିନା ପ୍ରାଥମିକ ବିଦ୍ୟାଳୟକୁ ଯାଇପାରୁନାହାନ୍ତି। ଘଟଣା ଘଟିବାର ୧୦ ଦିନ ବିତିଯାଇଥିଲେ ହେଁ ଏଥିପ୍ରତି କାହାରି ଦୃଷ୍ଟି ପଡ଼ିନାହିଁ। ଶିକ୍ଷା ବିଭାଗ, ବ୍ଲକ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେବା ଘଟଣା ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀଙ୍କୁ ବ୍ୟଥିତ କରିଛି। ଏ ନେଇ ବିଡିଓ ଶିବ ଶଙ୍କର ମୁର୍ମୁ କହିଛନ୍ତି, ପୋଲ ଭୁଶୁଡ଼ି ପଡ଼ିବା ଶୁଣିଛି। ପ୍ରକୃତରେ ଉକ୍ତ ରାସ୍ତା ବ୍ଲକ୍‌ର କି ଆରଡି ବିଭାଗର ଜଣାପଡ଼ିନାହିଁ। ରିପୋର୍ଟ ଦେବାକୁ କର୍ମଚାରୀଙ୍କୁ କୁହାଯାଇଛି।


ଭାଙ୍ଗି ଯାଇଥିବା ପୋଲ।

## ବିଜେଡିର ମିଶ୍ରଣ ପର୍ବ

ବାସୁଦେବପୁର, ୧୩।୮ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ସୁଦର୍ଶନପୁର ଗ୍ରାମରେ ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ଉପସ୍ଥିତିରେ ରତ୍ନାକର ସାହୁ ଓ ସୁଧାଂଶୁ ସାହୁଙ୍କ ପରିବାର ଦଳରେ ସାମିଲ ହୋଇଥିଲେ। ଦଳୀୟ ଉତ୍ତରୀୟ ପ୍ରଦାନ କରି ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ବିଧାୟକଙ୍କ ପ୍ରତିନିଧି ଅସିତ ଦାଶ, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ସରପଞ୍ଚ ଚନ୍ଦ୍ରକାନ୍ତ ମଳିକ ପ୍ରମୁଖ ଉପସ୍ଥିତ ଥିଲେ।

